ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। **-ଶ୍ରୀଅରବିନ୍ଦ**



# ଆତ୍ମବିଶ୍ୱାସର ସଙ୍କଟ



**ଦିଲ୍ଲୀକା ବାବୁ**

ଦିଲୀପ ଚେରିଏନ୍

କୋଭିଡ୍ ସେଣ୍ଟର ମହାଦୁର୍ନୀତି ଅଭିଯୋଗରେ ନିକଟରେ ଆଇଏଏସ୍ ଅଧିକାରୀ ସଞ୍ଜୀବ ଜୈସ୍ୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଦକ୍ଷେପ ନେଇଛି। ଏହାକୁ ଭିତ୍ତିକରି ମହାରାଷ୍ଟ୍ର ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରେ ଏକପ୍ରକାର ଭୟ ସୃଷ୍ଟି ହୋଇଛି। କ୍ଷମତା ସଂଗ୍ରାମରେ ଜଡ଼ିତ ଥିବା ହେତୁ ବିଗତ କିଛି ବର୍ଷ ହେଲା ଅନେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କୁ କାରାଗାରରେ ରଖାଯାଇଥିବାରୁ ଏହି ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। ଫଳସ୍ୱରୂପ ନିକଟରେ ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଫଡ଼ନବିସ୍‌ଙ୍କ ସହ ଏକ ବୈଠକ କରିଥିଲେ। ଅଧିକାରୀଙ୍କ ମଧ୍ୟରେ ଯେଉଁମାନେ ବିବାଦରେ ଜଡ଼ିତ, ସେମାନେ ହେଉଛନ୍ତି ଆଇପିଏସ୍ ଅଧିକାରୀ ରଶ୍ମି ଶୁକ୍ଳା ଏବଂ ପରମବୀର ସିଂ ଏବଂ ଉଭୟ ଅଧିକାରୀ ବିଭିନ୍ନ ମାମଲାର ଯାଞ୍ଚ ପରିସରରେ ରହିଛନ୍ତି। ଟିକିଟ ହେରଫେରରେ ଜଡ଼ିତ ଆଇଏଏସ୍ ଅଧିକାରୀ ସୁଶୀଲ ଖୋଡ଼ୱେକର ଗିରଫ ହୋଇଥିଲେ। ଏହାସହ ଆଇପିଏସ୍ ଅଧିକାରୀ ସୌରଭ ତ୍ରିପାଠୀ ଏକ ଚୋରା ଚାଲାଣ ମାମଲାର ସମ୍ମୁଖୀନ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ବିଏମ୍‌ସିରେ ଅନିୟମିତତା ଅଭିଯୋଗରେ ମ୍ୟୁନିସିପାଲ କମିଶନର ଇକ୍‌ବାଲ ସିଂ ଚହଲଙ୍କୁ ଇଡି ପଚରାଉଚରା କରିବା ପରେ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ଚିନ୍ତା ଆହୁରି ବଢ଼ିଯାଇଛି। ମ୍ୟୁନିସିପାଲ କର୍ପୋରେଶନ ଏବଂ ଅନ୍ୟ ବିଭାଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଭିଜିଲାନ୍ସ ବିଭାଗ ଯାଞ୍ଚ କରି ସେ ସମ୍ପର୍କିତ ସବୁ ତଥ୍ୟ ବରିଷ୍ଠ ଅଧିକାରୀଙ୍କ ନିକଟରେ ଦାଖଲ କରିଛି। ବିଭିନ୍ନ ପ୍ରସଙ୍ଗରେ ରାଜନେତାମାନେ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ତଦନ୍ତ କରାଇ ସୃଷ୍ଟି କରୁଥିବା ଚାପରୁ ରକ୍ଷାପାଇବାକୁ ବାବୁମାନେ କଠିନ ପ୍ରୟାସ କରୁଛନ୍ତି। କିନ୍ତୁ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟର ବାବୁମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଏକ କଠିନ ବ୍ୟାପାର ହୋଇପାରେ।

## ସାହସିକ ପଦକ୍ଷେପ

ପୂର୍ବ ଘଟଣାଗୁଡ଼ିକରୁ ଦେଖାଯାଇଛି ଯେ, ପଞ୍ଜାବରେ ଭଗବନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ଏଏପି ସରକାର ପ୍ରଶାସନିକ ବିଷୟରେ କେନ୍ଦ୍ର ସହ କ୍ୱଚିତ ଏକମତ ହୋଇଥାଏ। ନିକଟରେ ରାଜ୍ୟ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ପାଇଁ ଏକ ବିଲ୍ ପାସ୍ କରିଛନ୍ତି। ଏହି ସାହସିକ ପଦକ୍ଷେପ ରାଜ୍ୟ ସରକାର ଓ କେନ୍ଦ୍ର ମଧ୍ୟରେ କ୍ଷମତାର ସମସ୍ୟା ଉପରେ ପ୍ରଶ୍ନ ଉଠାଇଛି। କେବଳ କେନ୍ଦ୍ର ନୁହେଁ,ବରଂ ସୁପ୍ରିମକୋର୍ଟଙ୍କ ଅଧିକାରକୁ ଆହ୍ୱାନ ଦେବା ଲକ୍ଷ୍ୟରେ ଏହା ରାଜନୈତିକ ପଦକ୍ଷେପ ବୋଲି କେତେକ ପର୍ଯ୍ୟବେକ୍ଷକ ବିଚାର କରୁଛନ୍ତି। ଡିଜିପି ପଦବୀ ପାଇଁ ପ୍ରାର୍ଥୀମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ଉଚ୍ଚନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବା ସକାଶେ ସଂଶୋଧିତ ଆଇନ ସୂଚିତ କରିଛି। ତେବେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ପ୍ରାରମ୍ଭିକ ନିର୍ଦ୍ଦେଶକୁ ଅବମାନନା କରି ରାଜ୍ୟ ସରକାର ଉକ୍ତ ପ୍ୟାନେଲରୁ ହିଁ ଡିଜିପିଙ୍କୁ ନିଯୁକ୍ତ କରିବେ। ଆସନ୍ତା ମାସରେ ୧୯୯୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଗୌରବ ଯାଦବ ପଞ୍ଜାବର କାର୍ଯ୍ୟକାରୀ ଡିଜିପି ଭାବେ ୧ ବର୍ଷ ପୂରଣ କରିବେ। ମାନ୍ ସରକାର ବିଲ୍ ପାସ୍ କରି ନିଜର ଅଧିକାର ଏବଂ ରାଜ୍ୟକୁ ସିଧାସଳଖ ପ୍ରଭାବିତ କରିବା ଭଳି ନୀତି ନିର୍ଦ୍ଧାରଣ କ୍ଷମତା ଲାଗି ଇଚ୍ଛା ପ୍ରକାଶ କରୁଥିବାର ସଙ୍କେତ ଦେଉଛି। ପଞ୍ଜାବ ସରକାର ତା' ଅଧିକାର ମଧ୍ୟରେ ରହି କାର୍ଯ୍ୟପନ୍ଥା ପସନ୍ଦ କରୁଥିବାବେଳେ ଏହା ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଯେ, ରାଜ୍ୟର ହିତରେ ଏବଂ ଉଚ୍ଚ ନ୍ୟାୟପାଳିକା ଓ କେନ୍ଦ୍ର ସହ ମୁହାଁମୁହିଁ ସ୍ଥିତିରୁ ଦୂରେଇ ରହିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି।

## ପୁରସ୍କାର ପାଇଁ ଅନୁମତି

ସନ୍ଦେହାତ୍ମକ ସଙ୍ଗଠନରୁ ପୁରସ୍କାର ଗ୍ରହଣ କରିବାକୁ ନେଇ ବିଭିନ୍ନ ରାଜ୍ୟରେ ଅନେକ ଅଧିକାରୀଙ୍କ ସମାଲୋଚନାକୁ ସାମ୍ନା କରିବା ପରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ସକ୍ରିୟତା ପ୍ରକାଶ କରିଛି। କୌଣସି ଘରୋଇ ସଂସ୍ଥାଠାରୁ ପୁରସ୍କାର ଗ୍ରହଣ କରିବା ପୂର୍ବରୁ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଓଏସ୍ ଅଧିକାରୀମାନଙ୍କ ପାଇଁ ପୂର୍ବରୁ ଥିବା ଅନୁମୋଦନ ନିୟମକୁ ବାଧ୍ୟତାମୂଳକ କରିଛି। ଏହି ବିଭାଗ ପ୍ରକାଶ କରିଛି ଯେ, ବିଶେଷ ପରିସ୍ଥିତିରେ ଦକ୍ଷ ଅଧିକାରୀ ସ୍ୱୀକୃତି ଦେଇପାରିବେ। ଏଭଳି ଘଟଣାରେ ଘରୋଇ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ନିଃସନ୍ଦେହ ହେବା ଉଚିତ। କୌତୂହଳର ବିଷୟ, ଚଳିତ ବର୍ଷ ପ୍ରାରମ୍ଭରେ କେରଳ ସରକାର ସମାନ ପ୍ରକାର ନିର୍ଦ୍ଦେଶ ଜାରି କରିଥିଲେ ଏବଂ ସମସ୍ତ ଆଇଏଏସ୍, ଆଇପିଏସ୍ ଅଧିକାରୀ ବିନା ସ୍ୱୀକୃତିରେ ଘରୋଇ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କଠାରୁ ପୁରସ୍କାର ଗ୍ରହଣ ନ କରିବାକୁ ଏଥିରେ କୁହାଯାଇଥିଲା। ଅନୁମୋଦନ ପାଇଁ ସାଧାରଣ ପ୍ରଶାସନ ବିଭାଗ ମାଧ୍ୟମରେ ଅଧିକାରୀମାନେ ଦରଖାସ୍ତ କରିବାକୁ ପଡ଼ିବ ଏବଂ ଏହା ନ କଲେ ସେମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ରାଜ୍ୟର ମୁଖ୍ୟ ଶାସନ ସଚିବ ଭି.ପି. ଜୟ ପ୍ରକାଶ କହିଥିଲେ। ଜଣେ ଆଇଏଏସ୍ ଅଧିକାରୀ ରାଜ୍ୟରେ ଏକ ପ୍ରତିଷ୍ଠିତ ମନ୍ଦିରରେ ଭକ୍ତଙ୍କର ପ୍ରଭାବଶାଳୀ ପରିଚାଳନା ପାଇଁ ପୁରସ୍କାର ଗ୍ରହଣ କରିବା ପରେ ଏ ସମ୍ପର୍କରେ କେରଳ ପୋଲିସ ଅଧିକାରୀମାନେ ଅଭିଯୋଗ ଆଣିଥିଲେ ଏବଂ ଏହାକୁ ଭିତ୍ତିକରି ନିର୍ଦ୍ଦେଶ ଜାରି କରାଯାଇଥିଲା। କେନ୍ଦ୍ରର ଏବକାର ନିର୍ଦ୍ଦେଶ ଦର୍ଶାଏ ଯେ, ଅନେକ ରାଜ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ବ୍ୟକ୍ତିଗତ ସ୍ୱୀକୃତି ଓ ସରକାରୀ ଡ୍ୟୁଟି ମଧ୍ୟରେ ଏକ ସ୍ପଷ୍ଟ ନିୟମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ବାବୁମାନେ ଏହି ନିୟମକୁ ମାନିବେ ତ?

Email: dilipcherian@gmail.com

# ଆଦିପୁରୁଷ ବିବାଦ ଅନ୍ତରାଳେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ହିନ୍ଦୀ ଚଳଚ୍ଚିତ୍ର 'ଆଦିପୁରୁଷ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ତିନି ମାସ ତଳେ ଏହି ଚଳଚ୍ଚିତ୍ରର ଟିଜର୍ ରିଲିଜ୍ ହେବାବେଳେ ଏହାକୁ ହିନ୍ଦୁତ୍ୱବାଦୀ ସଙ୍ଗଠନମାନେ ବିରୋଧ କରିଥିଲେ। ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କ ପରି ଭାଜପାର ଅନେକ ନେତା ଏହାକୁ ନେଇ ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଶେଷ କରି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ର ଭଗବାନ ରାମଙ୍କ ନିଶ ରହିବା, ହନୁମାନଙ୍କର ମୁସଲମାନଙ୍କ ପରି ଦାଢ଼ି ରହିବା ତଥା ରାବଣ ଚରିତ୍ରରେ ସୈଫ ଅଲ୍ଲୀ ଖାନ୍ ଅଭିନୟ କରିବାକୁ ସେମାନେ ବିରୋଧ କରିଥିଲେ। କିନ୍ତୁ ଗତ ତିନି ମାସ ମଧ୍ୟରେ ଚଳଚ୍ଚିତ୍ରର ପ୍ରଯୋଜକ ଓ ଅନ୍ୟମାନେ ଭାଜପା ଏବଂ ତା' ସହଯୋଗୀ ସଙ୍ଗଠନମାନଙ୍କ ଶୀର୍ଷ ନେତୃତ୍ୱକୁ ଚଳଚ୍ଚିତ୍ର ସମ୍ପର୍କରେ କ'ଣ ଉପସ୍ଥାପନ କଲେ ଯେ ସେମାନଙ୍କ ଉଗ୍ର ବିରୋଧ ସହମତିରେ ପରିଣତ ହୋଇଗଲା। ଏପରିକି ଚଳଚ୍ଚିତ୍ରର ନିର୍ଦ୍ଦେଶକ ତା'ର ନିର୍ମାଣରେ ସହଯୋଗ କରିଥିବାରୁ ଆନୁଷ୍ଠାନିକ ଭାବେ ଯୋଗୀ ଆଦିତ୍ୟନାଥ, ପୁଷ୍କର ସିଂ ଧାମି, ହେମନ୍ତ ବିଶ୍ୱଶର୍ମା ଓ ଦେବେନ୍ଦ୍ର ଫଡ଼ନବୀଶଙ୍କ ପରି ଭାଜପାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜି ଚଳଚ୍ଚିତ୍ରକୁ ନେଇ ଦେଶରେ ଓ ଦେଶ ବାହାରେ ଏତେ ବ୍ୟାପକ ବିରୋଧ ହେବା ପରେ ବି ଭାଜପା କିମ୍ବା ତା'ର ସହଯୋଗୀ ସଙ୍ଗଠନମାନେ ଏହାକୁ ବିରୋଧ କରିବାକୁ ସାମ୍ନାକୁ ଆସି ନାହାନ୍ତି।

ଆମ ଦେଶରେ ଚଳଚ୍ଚିତ୍ରକୁ ନେଇ ବିବାଦ ନୂଆଁ ନୁହେଁ। ଅନେକ ଚଳଚ୍ଚିତ୍ର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଉଦ୍ଦେଶ୍ୟ ନେଇ ନିର୍ମିତ ହୋଇଥିବାରୁ ତାକୁ ନେଇ ପକ୍ଷ ବିପକ୍ଷ ରହିବା ସ୍ୱାଭାବିକ। ୧୯୫୩ରେ ନିର୍ମିତ 'ଦୋ ବିଘା ଜମିନ୍' ହେଉ ଅଥବା ୧୯୯୬ରେ ନିର୍ମିତ 'ମାଚିସ୍' କିମ୍ବା 'ଚକ୍ରବ୍ୟୂହ' ଏଭଳି ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶକମାନେ ଦର୍ଶକମାନଙ୍କୁ ଏକ ରାଜନୈତିକ ବାର୍ତ୍ତା ଦେବାକୁ ସୁଚିନ୍ତିତ ଭାବେ ଉଦ୍ୟମ କରିଥାନ୍ତି। ତେଣୁ ସ୍ୱାଭାବିକ ଭାବେ ଏଭଳି କୌଣସି ଚଳଚ୍ଚିତ୍ରକୁ ନେଇ ରାଜନୈତିକ ଦୃଷ୍ଟିରୁ ଭିନ୍ନମତ ବା ବିବାଦ ରହିଥାଏ। କିନ୍ତୁ ଏହି ବିରୋଧ ବା ବିବାଦ ମୂଳତଃ ବୌଦ୍ଧିକ ସ୍ତରରେ ସୀମିତ ରହୁଥିଲା। ତେବେ ଗତ କିଛି ବର୍ଷ ଧରି ଦେଶରେ ଚଳଚ୍ଚିତ୍ରକୁ ନେଇ ଯେଉଁଭଳି ଢଙ୍ଗରେ ବିରୋଧ କରାଯାଉଛି, ତାକୁ ଭିନ୍ନମତ ତ କୁହାଯିବନି ବରଂ ସାଂସ୍କୃତିକ ଦାଦାଗିରି ବୋଲି କୁହାଯିବା ଠିକ୍ ହେବ। ଏହି ବିପଜ୍ଜନକ ଧାରାର ଆରମ୍ଭ ପ୍ରଥମେ ବୋଧହୁଏ 'ୱାଟର' ଚଳଚ୍ଚିତ୍ରରୁ ହୋଇଥିଲା। ୨୦୦୦ରେ ଭାଜପା କ୍ଷମତାରେ ଥିବା ବେଳେ ବାରାଣସୀର ବିଧବା ହିନ୍ଦୁ ମହିଳାଙ୍କ ଦୁର୍ଦ୍ଦଶା ଉପରେ ନିର୍ଦ୍ଦେଶିକା ଦୀପା ମେହେଟ୍ଟାଙ୍କ ପ୍ରସ୍ତାବିତ ଏହି ଚଳଚ୍ଚିତ୍ରକୁ ଶୁଟିଂ ହେବାକୁ ଦିଆଯାଇ ନ ଥିଲା। ହିନ୍ଦୁତ୍ୱବାଦୀ ସଙ୍ଗଠନର ଲୋକମାନେ ଏହି ଚଳଚ୍ଚିତ୍ର ହିନ୍ଦୁମାନଙ୍କ ଭାବନାକୁ ଆହତ କରୁଛି ବୋଲି କହି ଶୁଟିଂ ସେଟ୍‌ରେ ପଣି ବ୍ୟାପକ ଭଙ୍ଗାରୁଜା କରିବା ପରେ ନିର୍ଦ୍ଦେଶକ ତାକୁ ଅଧାରେ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ।



ତେବେ ଧର୍ମ ଓ ବିଚାର ଆଧାରରେ ଚଳଚ୍ଚିତ୍ରକୁ ହିଂସ୍ର ଭିଡ଼ ଦ୍ୱାରା ବିରୋଧ କରିବାର ଅନେକ ଉଦାହରଣ ଅତୀତରେ ଦେଖିବାକୁ ପାଇଛେ। ଗତ କିଛି ବର୍ଷ ଧରି କେବଳ ଧର୍ମୀୟ ଆଧାରରେ ବିଭିନ୍ନ ଚଳଚ୍ଚିତ୍ରକୁ ବିରୋଧ କରିବା ଏପରିକି ବଳପୂର୍ବକ ପ୍ରଦର୍ଶନକୁ ବନ୍ଦ କରି ତାକୁ ଏକରକମ ଫ୍ଲପ୍ କରିଦେବା ଦେଖିବାକୁ ମିଳିଛି। ସାମ୍ପ୍ରଦାୟିକ ଦୃଷ୍ଟିଭଙ୍ଗୀ ନେଇ କିଛି ସଙ୍ଗଠନ ଚଳଚ୍ଚିତ୍ର ଉପରେ ଏକପ୍ରକାର ସାଂସ୍କୃତିକ ଦାଦାଗିରି କରୁଛନ୍ତି। ଏକ ଫାସିବାଦୀ ଆଭିମୁଖ୍ୟ ନେଇ ସେମାନେ ଲୋକେ କ'ଣ ଖାଦ୍ୟ ଖାଇବେ, କ'ଣ ପୋଷାକ ପିନ୍ଧିବେ, କ'ଣ ଗୀତ ଶୁଣିବେ, କ'ଣ ଚଳଚ୍ଚିତ୍ର ଦେଖିବେ ତାହା ସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ଗୋମାଂସ ଭକ୍ଷଣ ଉପରେ କେବେ ନିଜର ଏକ ମତାମତ ଦେଇଥିଲେ ବୋଲି ଅଭିଯୋଗ କରି ଏଭଳି ସଙ୍ଗଠନମାନେ ରଣବୀର କପୁରଙ୍କୁ ବିରୋଧ କରିବା ସହିତ ତାଙ୍କର ଓ ଆଲିଆ ଭଟ୍ଟଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ଚଳଚ୍ଚିତ୍ରକୁ ବିରୋଧ କରିଥିବା ବେଳେ ମୋଦି ସରକାରଙ୍କ ଅସହିଷ୍ଣୁତା ନେଇ ନିଜର ମତ ପ୍ରକାଶ କରିବା ଅଭିଯୋଗରେ ଅମୀର ଖାନ୍‌ଙ୍କ ନିର୍ଦ୍ଦେଶିତ 'ଲାଲ୍ ସିଂ ଚଢ଼ା'କୁ ସେମାନେ ତିବ୍ର ବିରୋଧ କରିବା ଫଳରେ ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ରୂପେ ଫ୍ଲପ୍ ହୋଇଯାଇଥିଲା। କିଛିଦିନ ତଳେ ଦୀପିକା ପାଦୁକୋନ୍ ଏବଂ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ 'ପଠାନ୍' ଚଳଚ୍ଚିତ୍ରରେ ଦୀପିକା ଏକ ଦୃଶ୍ୟରେ ଗେରୁଆ ବିକିନି ପିନ୍ଧିବାକୁ ନେଇ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରକୁ ହିନ୍ଦୁତ୍ୱବାଦୀ ଶକ୍ତିମାନେ ବିରୋଧ କରିଥିଲେ। ତେବେ ସେମାନଙ୍କ ବିରୋଧ ସତ୍ତ୍ୱେ ଦର୍ଶକ ଏହି ଚଳଚ୍ଚିତ୍ରକୁ ଖବ୍ ପ୍ରଶଂସା କରିଥିଲେ, ଫଳରେ ତାହା ବକ୍ସ ଅଫିସ୍‌ରେ ବ୍ୟବସାୟରେ ଇତିହାସ ସୃଷ୍ଟି କରିଥିଲା। ତେବେ ସେମାନେ ନିଜର ସାମ୍ପ୍ରଦାୟିକ ବିଚାରରେ କେବଳ ଚଳଚ୍ଚିତ୍ରକୁ ବିରୋଧ କରୁନାହାନ୍ତି,ବରଂ ନିଜର ରାଜନୈତିକ ଏଜେଣ୍ଡାକୁ ସୁହାଉଥିବା କିଛି ଚଳଚ୍ଚିତ୍ରକୁ ଖୁବ୍ ପ୍ରୋତ୍ସାହିତ କରିବା ଦେଖିବାକୁ ମିଳୁଛି। ମୁସଲମାନ ସମ୍ପ୍ରଦାୟକୁ ଖରାପ ବା ନାକାରାତ୍ମକ ଭାବେ ପ୍ରଦର୍ଶିତ କରିବାକୁ ଜୋରଦାର ପ୍ରୟାସ କରିଥିବା ନିକଟ ଅତୀତରେ ମୁକ୍ତିଲାଭ କରିଥିବା ଦୁଇଟି ଚଳଚ୍ଚିତ୍ର 'କାଶ୍ମୀର ଫାଇଲ୍‌ସ' ଏବଂ 'କେରଳା ଷ୍ଟୋରି'କୁ ଦେଶର ଶାସକ ଭାଜପା ଦଳ ଓ ତା'ର ସମର୍ଥିତ ସଙ୍ଗଠନମାନେ ଯେଉଁଭଳି ପ୍ରଚାର କଲେ ତାହା ଅଭୂତପୂର୍ବ ଥିଲା। ମିଥ୍ୟା ତଥ୍ୟ ଓ ସାମ୍ପ୍ରଦାୟିକ ବିଦ୍ୱେଷ ଉପରେ ଆଧାରିତ 'କେରଳା ଷ୍ଟୋରି'କୁ ଖୋଦ୍ ପ୍ରଧାନମନ୍ତ୍ରୀ ଗତ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟରେ ପ୍ରଚାରିତ କରିଥିବା ବେଳେ ଉଭୟ ଚଳଚ୍ଚିତ୍ରକୁ ଭାଜପା ଶାସିତ ରାଜ୍ୟଗୁଡ଼ିକ ଟିକସ ମୁକ୍ତ କରି ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ।

ତେବେ ସଦ୍ୟ ମୁକ୍ତିଲାଭ କରିଥିବା 'ଆଦିପୁରୁଷ' ଚଳଚ୍ଚିତ୍ରକୁ ନେଇ ସେମାନଙ୍କ ଭୂମିକା ସବୁଠାରୁ ରୋଚକ ହୋଇଛି। ଅତୀତରେ ଜଣେ ଅଭିନେତ୍ରୀ ଚଳଚ୍ଚିତ୍ରରେ ପରିହିତ ବିକିନିର ରଙ୍ଗକୁ ନେଇ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରକୁ ହିଂସ୍ର ବିରୋଧ କରିଥିବା ଏହି ଗୋଷ୍ଠୀ ଆଜି 'ଆଦିପୁରୁଷ'ରେ ଭଗବାନ ରାମ ଓ ହନୁମାନଙ୍କୁ ବିକୃତ କରିବାକୁ ନେଇ ଏକଦମ୍ ଚୁପ୍ ରହିବା ସେମାନଙ୍କ ରାଜନୈତିକ ଅସହାୟତାକୁ ଉଜାଗର କରୁଛି। ଅସଲ କଥା ହେଲା, ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଓ ସଂଳାପ ରଚୟିତା ସମସ୍ତେ ସେମାନଙ୍କ ବିଚାରଧାରାର ଲୋକ ହେବା ସହିତ ଚଳଚ୍ଚିତ୍ରଟିକୁ ସେମାନଙ୍କ ରାଜନୀତିକୁ ସୁହାଇବା ପାଇଁ ନିର୍ମାଣ କରାଯାଇଥିଲା। ନିଜର ଉଗ୍ର ହିନ୍ଦୁତ୍ୱ ରାଜନୀତିକୁ ସୁହାଇବା ପାଇଁ ସେଥିରେ ଉଭୟ ଭଗବାନ ରାମ ଓ ହନୁମାନଙ୍କ ଚେହେରାକୁ ଉଗ୍ର ଓ ହିସ୍ର ଭାବେ ଉପସ୍ଥାପିତ କରାଯାଇଥିଲା। କିନ୍ତୁ ସାଧାରଣ ଜନତା ଉଗ୍ର ରାଜନୀତିକୁ ଆଦୌ ଗ୍ରହଣ କଲେ ନାହିଁ। ସେଇଥିପାଇଁ ରାମାୟଣକୁ ବିକୃତ କରିବାକୁ ଦେଶର ସାଧାରଣ ହିନ୍ଦୁ ଧର୍ମାବଲମ୍ବୀ ଦର୍ଶକମାନେ ବିରୋଧ କରୁଥିବା ବେଳେ ହିନ୍ଦୁତ୍ୱର ରାଜନୀତି କରୁଥିବା ସଙ୍ଗଠନମାନେ ଏଥିରେ ଚୁପ ରହିଛନ୍ତି। ଅସଲ କଥା ହେଲା, ୨୦୨୪ ନିର୍ବାଚନ ପୂର୍ବରୁ ଦେଶରେ ଭାଜପା ଓ ତା'ର ସମର୍ଥକମାନେ ଏକ ସାମ୍ପ୍ରଦାୟିକ ପରିବେଶ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଆଗାମୀ କିଛି ମାସ ମଧ୍ୟରେ ରାମାୟଣ ଉପରେ ଆଧାରିତ ଆହୁରି ଦୁଇଟି ଚଳଚ୍ଚିତ୍ର, ଆର୍‌ଏସ୍‌ଏସ୍‌ର ସ୍ଥାପନାର ଶହେ ବର୍ଷ ଉପରେ ଆଧାରିତ ଏବଂ ରାମଜନ୍ମଭୂମି ଆନ୍ଦୋଳନ ଉପରେ ଆଧାରିତ ଆଉ ଦୁଇଟି ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଅତଏବ ଉପରୋକ୍ତ ଚଳଚ୍ଚିତ୍ରଗୁଡ଼ିକ ହିନ୍ଦୁତ୍ୱବାଦୀ ରାଜନୀତି ଓ ଏଜେଣ୍ଡାର ଅନୁରୂପ। ସେହି କାରଣରୁ ହିଁ 'ଆଦିପୁରୁଷ' ବିବାଦରେ ସେମାନଙ୍କ ସମ୍ପୂର୍ଣ୍ଣ କ୍ୟାମ୍ପ୍ ଏକଦମ୍ ନୀରବ ମୁଦ୍ରାରେ ରହିଛନ୍ତି।

**ମୋ :୯୪୩୭୧୭୬୩୭୪**

# ଶ୍ରୀଜଗନ୍ନାଥ ଓ ଗଜପତି



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥଙ୍କ ସେବକ ତାଲିକାରେ ସର୍ବାଗ୍ରେ ଗଜପତିଙ୍କ ନାମ ଥିବାରୁ ସେ ଶ୍ରୀଜୀଉମାନଙ୍କର ଆଦ୍ୟ ସେବକ ଭାବେ ସ୍ୱୀକୃତ। ସ୍କନ୍ଦ ପୁରାଣ ବର୍ଣ୍ଣିତ ଇନ୍ଦ୍ରଦ୍ୟୁମ୍ନ, ବିଦ୍ୟାପତି, ନୀଳମାଧବ ପ୍ରମୁଖଙ୍କ ବ୍ୟାଖ୍ୟାନ ସମୟରୁ ଏ ଯାବତ ହିନ୍ଦୁ ମତବାଦୀଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ, ହିନ୍ଦୁ ଏବଂ ଓଡ଼ିଶା ଏକ ଓ ଅଭିନ୍ନ ରହିଛନ୍ତି। ସମୟକ୍ରମେ ଗଙ୍ଗବଂଶୀୟ ଶାସକମାନେ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ମାନ୍ୟତା ଦେଇଥିଲେ। ସେହି ବଂଶଜ ଅନଙ୍ଗ ଭୀମ ଦେବ(୩) ନୂତନ ମନ୍ଦିର ନିର୍ମାଣ କରି ନିଜକୁ ଶ୍ରୀଜୀଉଙ୍କ ରାଉତ (ସେବକ) ବୋଲାଇ ସମର୍ପିତ ଆଚରଣ ଓ ଉଚ୍ଚାରଣରେ ରାଜ୍ୟ ଶାସନ କରିବା ଯୋଗୁ ଜନମାନସରେ ରାଜାଙ୍କ ପ୍ରତି ସ୍ୱତନ୍ତ୍ର ସ୍ଥାନ ରହିଲା। ପରବର୍ତ୍ତୀ ସମୟରେ କପିଳେନ୍ଦ୍ର ଦେବ ନିଜକୁ ସୂର୍ଯ୍ୟବଂଶୀ ଓ ଗଜପତି ଘୋଷଣା କରି ଦାକ୍ଷିଣାତ୍ୟର ବହୁ ରାଜ୍ୟ ଜୟକରି ଆଣିଥିବା ଷୋହଳଟି ହାତୀ ପିଠିରେ ବହୁ ମହଣ ସ୍ୱର୍ଣ୍ଣ ଓ ରତ୍ନାଦିକୁ ଶ୍ରୀମନ୍ଦିରକୁ ସମର୍ପଣ କରିଥିଲେ। ନିଜ ବଡ଼ପୁଅକୁ ସେ ଖେମଣ୍ଡି ବା ବର୍ତ୍ତମାନର ପାରଳାଖେମୁଣ୍ଡି ରାଜ୍ୟ ଦାୟିତ୍ୱ ଦେଇଥିବାରୁ ଏବେବି ସେହି ରାଜବଂଶ ଗଜପତି ଭାବେ ନାମିତ ହେଉଛନ୍ତି। କପିଳେନ୍ଦ୍ର ଦେବ ନିଜକୁ ଶ୍ରୀଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ନାଟ ଉତ୍କଳ କଳବର୍ଗେଶ୍ୱର ବିରାଧିବୀରବର ଉପାଧିରେ ଭୂଷିତ କରିଥିଲେ, ଯାହା କି ଏବେ ମଧ୍ୟ ଭୋଇ ବଂଶ ରାଜାଙ୍କ ଶାସନରେ ପ୍ରଚଳିତ ହୋଇଆସୁଛି। ତାଙ୍କ ସାନପୁଅ ପୁରୁଷୋତ୍ତମ କାଞ୍ଚି ଜୟ କରି ପଦ୍ମାବତୀଙ୍କ ସହ ଆଣିଥିବା ଧନରତ୍ନ ମଧ୍ୟ ଶ୍ରୀଜୀଉମାନଙ୍କ ସମ୍ପତ୍ତି ବୋଲି ବିବେଚନା କରିଥିଲେ। ସେତେବେଳକୁ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥ ଚତୁଃପାର୍ଶ୍ୱ ଓ ବାଇଶି ପାହାଚରେ ରାଜାଙ୍କ ଦ୍ୱାରା ସମାର୍ଜନୀ ସେବା ବା ଛେରାପହଁରା ହେଉଥିଲା, ଯାହାକି କାଞ୍ଚି ରାଜାଙ୍କ ଦୃଷ୍ଟିକଟୁ ହୋଇଥଲା। ତା' ପରବର୍ତ୍ତୀ ମୋଗଲ ଶାସନ ବେଳେ ଶ୍ରୀମନ୍ଦିର ୧୮ଥର ଲୁଣ୍ଠିତ ହୋଇଛି। ଶ୍ରୀଜୀଉମାନଙ୍କୁ କଳାପାହାଡ଼ ଅଗ୍ନିରେ ଦଗ୍ଧ କରିଥିଲା। ବିଶର ମହାନ୍ତି ଦ୍ୱାରା ଉଦ୍ଧାର ବ୍ରହ୍ମକୁ ନୂତନ ମୂର୍ତ୍ତିରେ ସ୍ଥାପନ ଓ ସେବାପୂଜା ପ୍ରଚଳନ କରି ଅଭିନବ ଇନ୍ଦ୍ରଦ୍ୟୁମ୍ନ ପଦପ୍ରାପ୍ତ ରାମଚନ୍ଦ୍ର ଦେବ(୧) ନିଜ ଶାସନ କାଳର ଯେଉଁ ଅଙ୍କ ପ୍ରଚଳନ କରିଥିଲେ ତାହା ପରମ୍ପରା ଭାବେ ଏବେବି ପୁରୁଷାନୁକ୍ରମେ ପ୍ରଚଳିତ ହୋଇ ପ୍ରତ୍ୟେକଙ୍କ ଜନ୍ମଜାତକରେ ଲିପିବଦ୍ଧ ରହୁଛି।

ଶ୍ରୀଜୀଉମାନଙ୍କ ସୁରକ୍ଷା ପାଇଁ ତାଙ୍କୁ ବିଭିନ୍ନ ସ୍ଥାନରେ ରଖିବାରେ ତତ୍କାଳୀନ ରାଜା, ପ୍ରଜା ଓ ସେବକ ଏକ ହେବା ନିଶ୍ଚିତ ବିରଳ ଘଟଣା। ଅତି ବିପଦ ଏବଂ ପ୍ରତିକୂଳ ସମୟରେ ଗଜପତି ରାମଚନ୍ଦ୍ର ଦେବ(୨) କେବଳ ଶ୍ରୀଜୀଉଙ୍କ ସୁରକ୍ଷା ପାଇଁ ବିଧର୍ମୀ ହେବାକୁ ମଧ୍ୟ ବାଧ୍ୟ ହୋଇଥିଲେ। କିନ୍ତୁ ଶ୍ରୀଜୀଉଙ୍କ ନିତ୍ୟ ଦର୍ଶନ ପାଇଁ ସେବକ ଓ ରାଜଗୁରୁଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ଗୁମୁଟରେ ପତିତପାବନଙ୍କୁ ସ୍ଥାପନା କରାଯାଇଥିଲା। ସମ୍ଭବତଃ ଶ୍ରୀଜୀଉମାନଙ୍କ ସ୍ଥାନାନ୍ତର ବେଳେ ରଥଯାତ୍ରା ବନ୍ଦ ଯୋଗୁ ପ୍ରତୀକାତ୍ମକ ଛେରାପହଁରା କେବଳ ରଥ ଉପରେ ସୀମିତ ଯୋଗୁ ତାହା କ୍ରମେ ବିଧି ହୋଇଯାଇଛି।

୧୮୦୪ରେ ଗଜପତି ମୁକୁନ୍ଦ ଦେବ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ଓ ଶ୍ରୀଜୀଉମାନଙ୍କ ସେବା ଦାୟିତ୍ୱ ପାଇଥିଲେ। ବାର୍ଷିକ ୫୬,୩୪୨ଟଙ୍କା ପାଇ ୧୮୦୯ ମସିହାଠାରୁ ରାଜ୍ୟ ଓ ରାଜାପଦ ଛାଡ଼ି ପୁରୀରେ ସ୍ଥାୟୀ ଭାବେ ଅବସ୍ଥାନ କରିଥିଲେ। 'ରାଜ୍ୟ ବିହୀନ ରାଜା'ଭାବେ ଓଡ଼ିଶା ରାଜାଙ୍କ ସ୍ଥାନ ଭାରତରେ ଏକମାତ୍ର ଉଦାହରଣ ହୋଇଥିଲା। ଯାହାକି ବାସ୍ତବରେ ଗଜପତିଙ୍କୁ ନିଃସ୍ୱ କରିଦେଲା। ଶ୍ରୀମନ୍ଦିରରୁ ତାଙ୍କ ପାଇଁ ସ୍ୱତନ୍ତ୍ର ଭୋଗରୁ ପ୍ରାପ୍ତ ଶ୍ରୀମହାପ୍ରସାଦ ସେବନ ଓ ଶ୍ରୀଜୀଉଙ୍କର ସେବା ହିଁ ତାଙ୍କର ଏକାନ୍ତ କାମ୍ୟ ରହିଲା। ଫଳତଃ ଶ୍ରୀଜୀଉମାନଙ୍କ ସେବକ ଭାବେ ତାଙ୍କର ଅନନ୍ୟ ସମର୍ପିତ ଭାବ ଯୋଗୁ ଜନସମର୍ଥନ ଅତୁଟ ରହିଲା। ଓଡ଼ିଶାରେ ଗଡ଼ଜାତ ସୃଷ୍ଟି ପରେ ପ୍ରତ୍ୟେକ ଗଡଜାତରେ ଶ୍ରୀଜଗନ୍ନାଥ ମନ୍ଦିର ନର୍ମାଣ ହେଲା। ସମ୍ପୃକ୍ତ ରାଜାମାନେ ନିଜକୁ ଶ୍ରୀଜୀଉମାନଙ୍କର ପୁରୀ ରାଜାଙ୍କ ଅନୁରୂପ ସେବକ ଭାବରେ ବିବେଚନା କରୁଥିଲେ। ଇଂରେଜ ଶାସନ କାଳରେ ଶ୍ରୀମନ୍ଦିର ଅକ୍ତିଆର ପାଇଁ ୧୮୮୨ରେ ପ୍ରଣୀତ ଆଇନ XIV ପୁରୀର ସେବକ ଓ ବ୍ରାହ୍ମଣମାନଙ୍କ ଆବେଦନ କ୍ରମେ ଲର୍ଡ ରିପନ୍‌ଙ୍କ ଦାରା ନିଷ୍କ୍ରିୟ ହୋଇଥିଲା। କିନ୍ତୁ ୧୮୮୪ ର ତତ୍କାଳୀନ ଗଜପତି ଦିବ୍ୟସିଂହ ଦେବ ଏକ ନରହତ୍ୟା ଅଭିଯୋଗରେ ଦେଶାନ୍ତରୀ ଦଣ୍ଡ ପାଇଥିଲେ। ନାବାଳକ ମୁକୁନ୍ଦ ଦେବଙ୍କୁ ନୂତନ ରାଜା ସ୍ୱୀକାର ପରିବର୍ତ୍ତେ ଇଂରେଜ ସରକାର ଶ୍ରୀମନ୍ଦିର ପୁନଃ ଅକ୍ତିଆର ପ୍ରୟାସ କେବଳ ଉତ୍କଳ ଗୌରବ ମଧୁବାବୁଙ୍କ ଯୋଗୁ ନିଷ୍ଫଳ ହୋଇଥିଲା।

ଶ୍ରୀଜଗନ୍ନାଥ ଆଦ୍ୟ ସେବକ ଭାବରେ ପୁରୀ ଗଜପତି ମହାରାଜାଙ୍କର ନିତ୍ୟ ଚଳଣି ଓ ଆଚରଣ ପାଇଁ ମଧ୍ୟ ଲକ୍ଷ୍ମଣରେଖା ରହିଛି। ତାଙ୍କ ପାଇଁ ବ୍ରାହ୍ମଣ, ରାଜଗୁରୁ, ଦେବଦେବୀଙ୍କ ବ୍ୟତୀତ ଅନ୍ୟ କାହାକୁ ମଥାନତ ପ୍ରଣାମ ଓ କନ୍ୟାଦାନ ନିଷେଧ। ପିତା ମାତାଙ୍କ ଦେହାନ୍ତରେ ଅଶୌଚ ହୁଅନ୍ତି ନାହିଁ। ଜଣେ ବ୍ରାହ୍ମଣ ମୃତକଙ୍କ କ୍ରିୟା କର୍ମ କରନ୍ତି। ଗଜପତିଙ୍କ ପାର୍ଥିବ ଶରୀର ରାଜନଅର ମୁଖ୍ୟ ଦ୍ୱାର ଦେଇ ବାହାରକୁ ଆସେନାହିଁ। ଗଜପତି ଦ୍ୱିଜ ଭାବେ ନିଜ ଇଷ୍ଟଦେବୀଙ୍କ ନିତ୍ୟ ଆରାଧନା କରନ୍ତି। କୌଣସି ଅନୁଗ୍ରହ ପ୍ରତିଗ୍ରହଠାରୁ ଦୂରରେ ରହିବା ଏବଂ ସ୍ୱପାକ ବା ସାତ୍ତ୍ୱିକ ଦେବପାକ ବ୍ୟତୀତ ପରପାକାନ୍ନ ଭୋଜନ ବାରଣ ରହିଛି। ଗଜପତି ରାଜନୀତି ସେବା ପାଇଁ ସିଂହଦ୍ୱାର ଦେଇ ଏବଂ ଅନ୍ୟବେଳେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଆନ୍ତି। ଶ୍ରୀଜୀଉମାନଙ୍କ ଶ୍ରୀଗୁଣ୍ଡିଚା, ବାହୁଡ଼ା ଯାତ୍ରାରେ ରଥ, ସ୍ନାନ ପୂର୍ଣ୍ଣିମା ସ୍ନାନବେଦୀ ଏବଂ ଚନ୍ଦନଯାତ୍ରାର ଆରମ୍ଭ ଓ ଶେଷ ଦିନ ବି ନୌକାରେ ଛେରାପହଁରା କରିବା ବିଧି ରହିଛି। ରାଜା ତାଙ୍କ ଅନୁପସ୍ଥିତିରେ ଶ୍ରୀଜୀଉମାନଙ୍କ ସେବା ପାଇଁ ଜଣେ ନାବାଳକ ପୁଷ୍ପାଳକଙ୍କୁ ମୁଦିରସ୍ତ ଭାବେ ନିଯୁକ୍ତ କରିଥାନ୍ତି। ଦେଶ ସ୍ୱାଧୀନ ହେବା ପରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତକୁ ଗଲା। ଗଜପତିଙ୍କୁ ପରିଚାଳନା କମିଟିର ଅଧ୍ୟକ୍ଷ କରାଗଲା। କିନ୍ତୁ ଶ୍ରୀମନ୍ଦିରର ପରିଚାଳନାରେ ଧାର୍ମିକ ନିଷ୍ପତ୍ତିର ଗୁରୁତ୍ୱ ରହୁଥିବାରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପରିଚାଳନା ପରାମର୍ଶଦାତା, ଗଜପତିଙ୍କୁ ପାରମ୍ପରିକ ନୀତି ପାଳନରେ ବ୍ରତୀ ହେବା ପାଇଁ ସୁଯୋଗ ଦେବା ଉଚିତ ନୁହେଁ କି?



**୧୧୩ ଗୁଣ୍ଡିଚା ବିହାର, ପୁରୀ**

ମୋ- ୭୯୭୮୭୮୫୪୭୮୮

## ଏଇ ଭାରତରେ

୧୦ମ ଶ୍ରେଣୀର ୫ ଜଣ ପିଲାଙ୍କ ନୂତନ ଚିନ୍ତାଧାରା ଏକ ଉଦାହରଣ ସୃଷ୍ଟି କରିଛି। ଦିଲ୍ଲୀର ଶିବନଦାର ସ୍କୁଲର ଭି. ସହେଲି, ଲକ୍ଷ୍ୟ ଗୋସ୍ୱାମୀ, ଉଦୟ ସିଂ, ସୌରିଶ ଗ୍ରୋଭର ଏବଂ ଅର୍ମାନ ଶରନ ଏକାବେଳକେ ଦୁଇଟି କାମ କରୁଥିବା ଏକ କୁଲିଂ ଡିଭାଇସ ଆବିଷ୍କାର କରିଛନ୍ତି। ଏହା ମଧ୍ୟ ହିଟର ଭାବେ କାମ କରୁଛି। ଏହି କୁଲରର ନାମ ରଖାଯାଇଛି ଜେଫିରସ୍। ପୁରାତନ ଗ୍ରୀସ୍‌ର ବାୟୁ ଦେବତାଙ୍କ ନାମାନୁସାରେ ଏହାର ଏଭଳି ନାମକରଣ କରାଯାଇଛି। ଏହା ପାରମ୍ପରିକ କୁଲର ତୁଳନାରେ କମ୍ ପାଣି ଦରକାର କରୁଛି। ସାଧାରଣ କୁଲର ମାସକୁ ହାରାହାରି ୩,୦୦୦ ଲିଟର ପାଣି ଆବଶ୍ୟକ କରୁଥିବାବେଳେ ଜେଫିରସ୍ ୩୦୦ ମିଲିଲିଟର ପାଣି ଦରକାର କରୁଛି। ୨୪ ଇଞ୍ଚ ଚଉଡ଼ା ଓ ୧୨ ଇଞ୍ଚ ଲମ୍ବର ଏହି କୁଲିଂ ମେଶିନ ଆଲୁମିନିୟମ ଶିଟ୍‌ରେ ତିଆରି ହୋଇଛି। ଏହାକୁ ନିର୍ମାଣ କରିବାରେ ସ୍କୁଲ ଏମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛି ଓ ଏଥିରେ ମୋଟ ୫,୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବଜାରରେ ଏବେ ଉପଲବ୍ଧ କୁଲରଠାରୁ ଶସ୍ତା। ଏହାକୁ ଏବେ ପରୀକ୍ଷା କରାଯାଇ ମାର୍କେଟକୁ ଛଡ଼ାଯିବାର ପଦକ୍ଷେପ ନିଆଯାଇଛି। ଏହାକୁ ଅଧିକ ଉତ୍ପାଦନ କରାଗଲେ ଏବକାର ମୂଲ୍ୟଠାରୁ ଆହୁରି କମ୍ ହେବ ବୋଲି କହନ୍ତି ଅର୍ମାନ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁଲାଇ ୧୯୯୮

- ରାଜ୍ୟରେ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ପାଣ୍ଠିରୁ ୭୬ ନିୟୁତ ଡଲାର ଋଣ ମଞ୍ଜୁର।
- ଇରାକର ରାଡାର କେନ୍ଦ୍ର ଉପରେ ଆମେରିକାର ଏଫ୍-୧୬ ଲଢୁଆ ବିମାନରୁ ଏସ୍‌ଏ-୩ କ୍ଷେପଣାସ୍ତ୍ର ଆକ୍ରମଣ।
- ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ନେପାଳର ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଦିଲଶାଦ ବେଗ୍‌ଙ୍କ ମୃତ୍ୟୁ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 4 | 5 | | 3 | | 8 |
| | | | 3 | | | | 7 | |
| 8 | | | | 1 | | | | |
| | 4 | | | | | | | |
| | | | | | 7 | 4 | | 5 |
| 5 | | 6 | | 8 | | | | |
| 1 | | 7 | | | 9 | | | |
| | | | | | | | 6 | 1 |
| | | 8 | 6 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 1 | 5 | 8 | 3 | 7 | 9 |
| 1 | 8 | 5 | 7 | 3 | 9 | 6 | 2 | 4 |
| 7 | 9 | 3 | 2 | 6 | 4 | 5 | 8 | 1 |
| 4 | 7 | 8 | 5 | 9 | 3 | 1 | 6 | 2 |
| 9 | 2 | 6 | 4 | 1 | 7 | 8 | 5 | 3 |
| 3 | 5 | 1 | 8 | 2 | 6 | 9 | 4 | 7 |
| 6 | 4 | 7 | 3 | 8 | 1 | 2 | 9 | 5 |
| 8 | 3 | 2 | 9 | 7 | 5 | 4 | 1 | 6 |
| 5 | 1 | 9 | 6 | 4 | 2 | 7 | 3 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆବାସ ଯୋଜନାରେ ଘର ମିଳୁନାହିଁ

ମହାଶୟ,

ମୁଁ ଜଣେ ବାସଗୃହହୀନ ଗରିବ ଚିତ୍ରକର ହୋଇଥିବାରୁ 'ଆବାସ' ଯୋଜନାରେ ସରକାରଙ୍କଠାରୁ ଘର ଖଣ୍ଡେ ପାଇବା ପାଇଁ ୨୦୧୫ରୁ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆରମ୍ଭକରି ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଆସିଛି। ସବୁଠୁ ନିରାଶା ହେବା ପରେ ରାଜ୍ୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ସେ ସହୃଦୟତାର ସହ ବିଚାରକୁ ନେଇ 'ଆବାସ' କିମ୍ବା ଗୃହ ଉପଯୋଗୀ ଜାଗା ଦେବାକୁ ପରାମର୍ଶ ଦେଇଥିଲେ। ସେହି ଆଦେଶ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ (ଉତ୍ତର) ଅନୁମୋଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଏମ୍‌ସି କମିଶନରଙ୍କ ଠାରୁ କୌଣସି ଉତ୍ତର ମିଳୁନାହିଁ। ଏପଟେ କ୍ୟାବିନ୍ ଦେଇ ଜୀବିକା ନିର୍ବାହ କରିବାକୁ ସରକାର ଦେଉନାହାନ୍ତି କିମ୍ବା ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା ମଧ୍ୟ ନାହିଁ। ଘରଭଡ଼ା ଦେଇ ୫ପ୍ରାଣୀ କୁଟୁମ୍ବ କିପରି ବଞ୍ଚିବୁ?

**-ଲକ୍ଷ୍ମୀକାନ୍ତ ମହାରଣା, ୱେଷ୍ଟର୍ନ ଟେଲର, ଆଦିମାତା କଲୋନି, ଭୁବନେଶ୍ୱର**

## ଚିରନ୍ତନୀ

ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ-ଧନୁ
ନିମେଷେ ସବୁ ମିଳାଇଯାଏ
ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମହାପ୍ରଭୁଙ୍କୁ ଗୀତଗୋବିନ୍ଦ ଲେଖି ଖଣ୍ଡୁଆ ପାଟ ପ୍ରଦାନ କଲେ ବିଜୟଲକ୍ଷ୍ମୀ**

**ପୁରୀ, (ଅଜିତ ମହାନ୍ତି):** ଶୁକ୍ରବାର ଅଧର ପଣା ନୀତି ଥିବା ବେଳେ ଜଣେ ମହିଳା ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୀତଗୋବିନ୍ଦ ପାଟ ପ୍ରଦାନ କରିଛନ୍ତି। ଭୁବନେଶ୍ୱରର ପଟଚିତ୍ର ଶିଳ୍ପୀ ବିଜୟଲକ୍ଷ୍ମୀ ତାଙ୍କ ହାତରେ ଖଣ୍ଡୁଆ ପାଟରେ ଗୀତଗୋବିନ୍ଦ ଲେଖି ମହାପ୍ରଭୁଙ୍କୁ ପ୍ରଦାନ କରିଛନ୍ତି। ସେ ଭାବବିହ୍ୱଳ ହୋଇ କହିଛନ୍ତି, ସ୍ୱୟଂ ଭଗବାନ ତାଙ୍କ ମାଧମରେ ଏହା ଲେଖାଇ ଦେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ଥିଲା ଗୀତଗୋବିନ୍ଦ ଲେଖିବା ପାଇଁ, ତେଣୁ ଏହା ଲେଖିଛି। ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ କାର୍ଯ୍ୟ ଆରମ୍ଭ କରିଥିଲି, ଅଧରପଣା ନୀତି ଦିନ ଏହାକୁ ପ୍ରଦାନ କରିବାପାଇଁ ଇଛା କରିଥିଲି ସେ କହିଛନ୍ତି।

## ଡିଏନ୍ଏ ରିପୋର୍ଟ ଆଶା ଭରିଲା

# ଏମ୍ସରେ ପରିବାର ଲୋକଙ୍କ ସମାଗମ ବଢ଼ିଲା


ମୃତଦେହ ପାଇବା ଆଶାରେ ଏମ୍ସ ପରିସରରେ ପରିବାର ସଦସ୍ୟ।

**ଭୁବନେଶ୍ୱର,୩୦।୬ (ଅଭିଜିତ ଦାସ)**

ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ଇତିମଧ୍ୟରେ ୨୯ଦିନ ବିତିଯାଇଛି। ୨୯୩ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ବି ବହୁ ନିଖୋଜ ଅଛନ୍ତି। ବହୁ ଲୋକ ନିଜ ପରିବାର ସଦସ୍ୟ, ଆତ୍ମୀୟସ୍ୱଜନଙ୍କୁ ଖୋଜି ବୁଲୁଥିବାବେଳେ ଆଉ କିଏ ମୃତଦେହ ପାଇବାକୁ ଭୁବନେଶ୍ୱର ଏମ୍ସରେ ଅପେକ୍ଷା କରି ବସିଛନ୍ତି। ଏମ୍ସରେ ୮୧ ମୃତଦେହକୁ ଚିହ୍ନଟ ଲାଗି ସଂରକ୍ଷିତ କରି ରଖାଯାଇଥିଲା। କେତେକ ମୃତଦେହ ବିକୃତ ହୋଇଯାଇଥିବାରୁ ଚିହ୍ନଟ ସମ୍ଭବ ହୋଇ ନ ଥିବାବେଳେ ଆଉ କେତେକ ମୃତଦେହର ଏକାଧିକ ଦାବିଦାର ରହିଥିଲେ। ତେଣୁ ଏମ୍ସ ପକ୍ଷରୁ ସମସ୍ତ ମୃତଦେହ ଓ ଦାବିଦାର ୮୭ ପରିବାର ସଦସ୍ୟଙ୍କ ଡିଏନ୍ଏ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ତେବେ ରିପୋର୍ଟ ଆସିବା ବିଳମ୍ବ ହେବାରୁ ଅଧିକାଂଶ ଦାବିଦାର ପରିବାରର ସଦସ୍ୟମାନେ ଗାଁକୁ ଚାଲିଯାଇଥିଲେ। ଆଉ କେତେଜଣ ରେଲ୍ୱେ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଗେଷ୍ଟ ହାଉସ୍‌ରେ ଅପେକ୍ଷା କରି ରହିଥିଲେ। ଶୁକ୍ରବାର ୨୯ ମୃତଦେହର ଡିଏନ୍ଏ ରିପୋର୍ଟ ଆସିବା ପରେ ଚିହ୍ନଟ ସହ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଡିଏନ୍ଏ ରିପୋର୍ଟ ଆସିଥିବା ଖବର ପାଇବା ପରେ ଗାଁକୁ ଚାଲିଯାଇଥିବା ମୃତକଙ୍କ ପରିବାର ଲୋକେ ଏମ୍ସକୁ ଆସିବାରେ ଲାଗିଛନ୍ତି। ସେହିପରି ଡିଏନ୍ଏ ନମୁନା ଦେଇ ନ ଥିବା ପରିବାର ସଦସ୍ୟ ମଧ୍ୟ ନିଖୋଜ ଥିବା ନିଜ ଲୋକଙ୍କୁ ପାଇବା ଆଶାରେ ଏମ୍ସକୁ ଆସି ଲୁହ ଝରାଉଥିବା ଦେଖିବାକୁ ମିଳୁଛି।

## ୨୯ଦିନ ପରେ ସ୍ୱାମୀଙ୍କୁ ପାଇବା ଆଶାରେ ପହଞ୍ଚିଲେ ସ୍ତ୍ରୀ


ଜିତିକା ମାଲ

ଟ୍ରେନ୍ ଦୁର୍ଘଟଣାର ୨୯ଦିନ ପରେ ବି ସ୍ୱାମୀଙ୍କୁ ପାଇନାହାନ୍ତି ସ୍ତ୍ରୀ ଜିତିକା ମାଲ। ପଶ୍ଚିମବଙ୍ଗର ସୂରୀ ଅଞ୍ଚଳର ଜିତିକାଙ୍କ ସ୍ୱାମୀ ଲବ୍ଲୁ ରାଜମିସ୍ତ୍ରି ଭାବରେ ଚେନ୍ନାଇରେ କାମ କରୁଥିଲେ। ଛୁଟି ନେଇ ୫ଜଣ ବନ୍ଧୁଙ୍କ ସହ ଘରକୁ ଫେରୁଥିବା ବେଳେ ତାଙ୍କ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଲବ୍ଲୁଙ୍କ ୩ଜଣ ବନ୍ଧୁ ଭଲ ହୋଇ ଡାକ୍ତରଖାନାରୁ ଘରକୁ ଫେରିଥିବା ବେଳେ ଆଉଜଣେ ବନ୍ଧୁ ଚିକିତ୍ସାଧୀନ ଅଛନ୍ତି। ହେଲେ ଲବ୍ଲୁଙ୍କ ପତ୍ତା ମିଳୁନାହିଁ। ଏମ୍ସରେ ମୃତଦେହ ଚିହ୍ନିବାର ସମସ୍ତ ବ୍ୟବସ୍ଥା ଥିବା ଖବରପାଇ ଶୁକ୍ରବାର ଏଠାରେ ପହଞ୍ଚିଛନ୍ତି ସ୍ତ୍ରୀ ଜିତିକା। ପାଖରେ ଟଙ୍କା ନ ଥିବାରୁ ସେ ଭୁବନେଶ୍ୱର ଆସିପାରୁ ନ ଥିଲେ। ଟଙ୍କା ଯୋଗାଡ କରି ଭାଇ, ବାପା ଓ ୧୦ ବର୍ଷର ପୁଅକୁ ଧରି ଶୁକ୍ରବାର ଏମ୍ସରେ ପହଞ୍ଚି ପୁଅର ଡିଏନ୍ଏ ଟେଷ୍ଟ ପାଇଁ ଦେଇଛନ୍ତି।

## ନିଖୋଜ ସାନ ଭାଇକୁ ଖୋଜୁଛି ବଡ଼


ନିମାଇଁ ମାନା

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ନିଜ ସାନ ଭାଇ ସମୀରଙ୍କୁ ହରାଇଛନ୍ତି ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ନିମାଇଁ ମାନା। ହେଲେ ଏଯାଏ ତାଙ୍କ ସମ୍ପର୍କରେ କିଛି ବି ସୂଚନା ମିଳୁ ନ ଥିବାରୁ ସେ ଭାଙ୍ଗିପଡିଛନ୍ତି। ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରର ନିମାଇଁ ଓ ସାନ ଭାଇ ସମୀର ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ଏକ୍ସପ୍ରେସରେ ପ୍ୟାଣ୍ଟ୍ରି ବିଭାଗରେ କାମ କରୁଥିଲେ। ଦୁର୍ଘଟଣାର କିଛି ସମୟ ପୂର୍ବରୁ ବାଲେଶ୍ୱର ଷ୍ଟେଶନ ନିକଟରେ ଦୁଇ ଭାଇଙ୍କ ଦେଖା ହୋଇଥିଲା। ଆଉ ଦୁର୍ଘଟଣା ପରେ ୨ ଭାଇ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ନିମାଇଁଙ୍କ କହିବା ଅନୁଯାୟୀ ଦୁର୍ଘଟଣାର ଆଜିକୁ ୨୯ ଦିନ ପୂରିଯାଇଥିଲେ ମଧ୍ୟ ଏବେ ସୁଦ୍ଧା ନିଜ ସାନ ଭାଇ ସମୀର ମାନାଙ୍କୁ ପାଇପାରୁନାହାନ୍ତି।

ବାଲେଶ୍ୱର ଠାରୁ ଆରମ୍ଭ କରି କଟକ, ଭୁବନେଶ୍ୱର ସମସ୍ତ ହସ୍ପିଟାଲରେ ନିଜ ଭାଇକୁ ଖୋଜି ବୁଲୁଛନ୍ତି। ସମୀରଙ୍କ ମୃତ ଶରୀର ଏମ୍ସରେ ଥିବା ମୃତକଙ୍କ ଫଟୋଚିତ୍ରରେ ନଥିବା ବେଳେ କୌଣସି ବୁଦ୍ଧି ନପାଇ ନିଜ ଭାଇକୁ ପାଇବା ଆଶାରେ ଜୁନ୍ ୫ ତାରିଖରେ ଏମ୍ସରେ ଡିଏନ୍ଏ ନମୁନା ଦେଇଛନ୍ତି। ସବୁଦିନ ପରି ସମୀରଙ୍କ ସମ୍ପର୍କରେ ପଚାରିଥିଲେ ମଧ୍ୟ ପରେ ଆସିବ ବୋଲି ଏମ୍ସ କର୍ତ୍ତୃପକ୍ଷ ନିମାଇ ମାନାକୁ ଆଶ୍ୱାସନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୯୫ତମ ଶ୍ରାଦ୍ଧୋତ୍ସବ, ଜୟଦେବ ବିହାର ନିକଟ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ଇଣ୍ଡଷ୍ଟ୍ରି- ଏକାଡେମିଆ କନ୍‌କ୍ଲେଭ୍-୨୦୨୩, ଏମ୍ଏସ୍ ସ୍ୱାମୀନାଥନ୍ ହଲ୍, ଓୟୁଏଟି, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷାମନ୍ଦିରର ୨୩ତମ ପ୍ରତିଷ୍ଠା ଦିବସ, ନହରକଣ୍ଟା, ପୂର୍ବାହ୍ନ ୧୦ଟା।


ଭୁବନେଶ୍ୱର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ରୁଦ୍ରାକ୍ଷ ଫାଉଣ୍ଡେଶନର ସଙ୍ଗୀତ ଓ ନୃତ୍ୟ ଉତ୍ସବ 'ବର୍ଣ୍ଣାଳି'ର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀ ଦିପ୍ତୀରଞ୍ଜନ ବରାଳ ଓ ଶ୍ରୀପୂର୍ଣ୍ଣା ମହାନ୍ତି ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ବିକାଶ ନାୟକ)

## ଶ୍ରୀମନ୍ଦିର ନାଁରେ ପୁଣି ଠକେଇ
### କାର୍ଯ୍ୟାନୁଷ୍ଠାନ ଦାବି କଲେ ସେବାୟତ

**ପୁରୀ, ୩୦।୬ (ଅଜିତ ମହାନ୍ତି)**

କିଛି ଦିନ ତଳେ ଉତ୍ସବ ନାମକ ଆପ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନାମରେ ଅନ୍‌ଲାଇନ୍ ପୂଜା କରାଯାଉଥିବା ନେଇ ବିଜ୍ଞାପନ ପ୍ରକାଶ ପାଇଥିଲା। ଭକ୍ତମାନେ ଭାରତର ଯେ କୌଣସି ସ୍ଥାନରେ ରହି ଏହି ଆପ୍ ମାଧ୍ୟମରେ ଟଙ୍କା ପଇଠ କରି ପୂଜା କରିବା ସହ ମହାପ୍ରସାଦ ନେଇପାରିବେ ଏବଂ ବିଭିନ୍ନ ପୂଜା ପାଇଁ ଭିନ୍ନ ଭିନ୍ନ ଟଙ୍କାର ବ୍ୟବସ୍ଥା ରହିଥିବା ଆପ୍‌ରେ ଉଲ୍ଲେଖ ରହିଥିଲା। ଏପରି ଘଟଣା ଲୋକଲୋଚନକୁ ଆସିବା ପରେ ଛାମୁ ଖୁଣ୍ଟିଆ ସେବାୟତ ଶମ୍ଭୁ ଖୁଣ୍ଟିଆ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ତେବେ ଉକ୍ତ ଘଟଣାର କିଛି ଦିନ ପରେ ପୁଣି ଏକ ଆପ୍ ମାଧ୍ୟମରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନାମରେ ଠକେଇ କରାଯାଉଥିବା ସୂଚନା ମିଳିଛି। ପୂଜା ନାମକ ଆପ୍‌ରେ ସୂଚନା ଦିଆଯାଇଛି ଯେ, ଶ୍ରୀଜଗନ୍ନାଥ ମନ୍ଦିରକୁ ସୁଦର୍ଶନ ମନ୍ଦିର ଭାବରେ ଦର୍ଶାଯାଇଛି। ମନ୍ଦିରରେ ସୁଦର୍ଶନ ପୂଜା କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଟଙ୍କା ବ୍ୟବସ୍ଥା ରହିଛି। ପୂଜା ପାଇଁ ୧୧୫୧ ଟଙ୍କା ରହିଥିବା ବେଳେ ଜିଏସ୍‌ଟି ୧୮ ପ୍ରତିଶତ ରହିଛି। ଏପରି ପୂଜା ପାଇଁ ମୋଟ ୧୩୫୮ ଟଙ୍କା ୧୮ ପଇସା ଜଣକ ପିଛା ରଖାଯାଇଛି। ଯେଉଁ ଭକ୍ତମାନେ ପୂଜା କରିବାକୁ ଚାହୁଁଛନ୍ତୁ ସେମାନେ ଏହି ଆପ୍ ମାଧ୍ୟମରେ ତାଙ୍କ ପୈଠ କରି ପୁରୀ ସୁଦର୍ଶନ ମନ୍ଦିରରେ ଅନ୍‌ଲାଇନ୍‌ରେ ପୂଜା କରିପାରିବେ ବୋଲି ସୂଚନା ଦିଆଯାଇଛି। ଏ ନେଇ ସେବାୟତ ଶମ୍ଭୁ ଖୁଣ୍ଟିଆ ଜାଣିବା ପରେ କହିଛନ୍ତି, ଉକ୍ତ ଆପ୍‌ରେ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁଦର୍ଶନ ମନ୍ଦିର ବୋଲି ଦର୍ଶାଯାଇଛି। ଯେଉଁଠାରେ ସୁଦର୍ଶନଙ୍କ ପୂଜା ହେଉଛି ବୋଲି ଉଲ୍ଲେଖ କରାଯାଇଛି। ଏପରି କହି ଭକ୍ତଙ୍କୁ ଲୁଟ୍ କରୁଛି ପୂଜା ନାମକ ଆପ୍। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଛତିଶା ନିଯୋଗ ଅବଗତ ନାହିଁ। ପ୍ରଶାସନ ଘଟଣାର ପର୍ଦ୍ଦାଫାଶ୍ କରନ୍ତୁ ବୋଲି ଖୁଣ୍ଟିଆ ଦାବି କରିଛନ୍ତି।

## ନକଲି ପୋଲିସକୁ ଧରିଲା କମିଶନରେଟ୍ ପୋଲିସ

- ଥାନା ଅଧିକାରୀ ପରିଚୟ ଦେଇ ମାଡ଼ ଅଭିଯୋଗ
- ଅଭିଯୁକ୍ତ ଘରୋଇ ୱେବ୍ ଚ୍ୟାନେଲ ଚଲାଉଥିବା ସୂଚନା

**ଭୁବନେଶ୍ୱର,୩୦।୬(ସୂର୍ଯ୍ୟକାନ୍ତ ବେହେରା):** ପୋଲିସ ପୋଷାକ ପିନ୍ଧି ଥାନାଧିକାରୀ ପରିଚୟ ଦେଇ ନିସ୍ତୁକ ମାଡ଼ ମାରି ଅଚେତ କରିବା ଘଟଣାରେ କମିଶନରେଟ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ଏୟାରଫିଲ୍ଡ ଥାନାଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ଏଠାରେ ରହୁଥିବା କେନ୍ଦ୍ରାପଡ଼ାର ରଶ୍ମି ରଞ୍ଜନ ଭୂୟାଁ। ତାଙ୍କଠାରୁ କମିଶନରେଟ ପୋଲିସର ଲୋଗୋ ଓ ୩ ଷ୍ଟାର୍ ଥିବା ପୋଲିସ ପୋଷାକ, ମୋବାଇଲ୍ ଫୋନ୍ ଆଦି ଜବତ କରାଯାଇଛି। ସେ ଏକ ଘରୋଇ ୱେବ୍ ଚ୍ୟାନେଲ ପରିଚାଳନା କରୁଥିବା ପୋଲିସ ଜାଣିବାକୁ ପାଇଛି। ଆକ୍ରମଣର ଶିକାର ହୋଇଥିବା ରଞ୍ଜନ ଜେନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ତେବେ ଏଥିରେ ସମ୍ପୃକ୍ତ ଥିବା ରଶ୍ମିଙ୍କ ୪ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଟଙ୍କା କାରବାରକୁ ନେଇ ଅଭିଯୋଗକାରୀ ରଞ୍ଜନ ଜେନାଙ୍କ ଭାଇଙ୍କ ସହ ଅଭିଯୁକ୍ତ ରଶ୍ମିଙ୍କର କିଛି ପୂର୍ବ ଶତ୍ରୁତା ଥିଲା। ତେଣୁ ତାଙ୍କୁ ଘରକୁ ଡାକି ଆକ୍ରମଣ ଯୋଜନା କରିଥିଲେ ରଶ୍ମି। ହେଲେ ସେ ନ ଆସିବାରୁ ବଡ଼ଭାଇ ରଞ୍ଜନଙ୍କୁ ବୋଡଣ୍ଡାସ୍ଥିତ ତାଙ୍କ ଘରକୁ ଡାକିଥିଲେ। ସେ ପହଞ୍ଚିବା ପରେ ପୋଲିସ ପୋଷାକରେ ଅପେକ୍ଷା କରିଥିବା ଅଭିଯୁକ୍ତ ରଶ୍ମି ନିଜକୁ ଏୟାରଫିଲ୍ଡ ଥାନାର ଥାନାଧିକାରୀ ପରିଚୟ ଦେଇ ସାନ ଭାଇଙ୍କୁ ସେମାନଙ୍କ ନିକଟକୁ ଆଣିବା ପାଇଁ ତାଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ରଞ୍ଜନ ସହଯୋଗ ନ କରିବାରୁ ଅଭିଯୁକ୍ତ ଓ ସହଯୋଗୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ନିସ୍ତୁକ ମାଡ଼ରେ ରଞ୍ଜନ ଚେତାଶୂନ୍ୟ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତମାନେ ମୋବାଇଲ ଫୋନ୍ ଓ ଗାଡି ଚାବି ରଖି ବିଳମ୍ବିତ ରାତିରେ ତାଙ୍କୁ ତାଙ୍କ ଘର ଆଗରେ ଶୁଆଇ ଦେଇ ପଳାଇ ଆସିଥିଲେ। ଚେତା ଫେରିବା ପରେ ରଞ୍ଜନ ସ୍ତ୍ରୀଙ୍କ ସହ ଥାନାକୁ ଆସି ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ ୧୫୯/୨୩) ରୁଜୁ ହୋଇଛି।ସମ୍ପୃକ୍ତ ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି।

# ତ୍ରୁଟିପୂର୍ଣ୍ଣ ଟେଣ୍ଡର ପାଇଁ ବଢୁଛି ଖର୍ଚ୍ଚ

## ବିଏମ୍‌ସିର ମାସିକ ବୈଠକ

- ୨୦୧୯-୨୦ରେ ୫୫କୋଟି, ୨୦୨୩-୨୪ରେ ୧୦୫କୋଟି
- କର୍ପୋରେଟରଙ୍କୁ ଡେଙ୍ଗୁ ସଚେତନତା ପାଠ

**ଭୁବନେଶ୍ୱର, ୩୦।୬ (ବନ୍ଦନା ସେଠୀ)**



ବିଏମ୍‌ସି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନପ୍ରତିନିଧିଙ୍କୁ ଅଧିକାରୀ ଉଚିତ ସମ୍ମାନ ଦେଉ ନ ଥିବା, ମୁକ୍ତା ଯୋଜନାରେ ଅନିୟମିତତା, ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟ୍ରିଟ ଲାଇଟ ଲଗାଇବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ସଫେଇ ଏଜେନ୍ସିର ବାକି ଥିବା ପ୍ରାପ୍ୟ ଏବଂ ଓ ଡେଙ୍ଗୁ ସଂକ୍ରମଣରେ କିପରି ରୋକ ଲଗାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଉପସ୍ଥିତ କର୍ପୋରେଟରଙ୍କୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡେଙ୍ଗୁ ରୋକିବା ଦିଗରେ ସଚେତନ କରାଇଥିଲେ। ଏହି ବୈଠକରେ ପୁଣି ଥରେ ପରିମଳ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ କର୍ପୋରେଟର। ତ୍ରୁଟିପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ପାଇଁ ଠିକ୍ ଭାବେ ଅଳିଆ ପରିଚାଳନା ହେଉ ନ ଥିବାରୁ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ୱାର୍ଡ ନଂ ୫୫ର କର୍ପୋରେଟର ନୃପେଶ ନାୟକ ଉଠାଇଥିଲେ। ସେହିପରି ତ୍ରୁଟିପୂର୍ଣ୍ଣ ଟେଣ୍ଡର ପାଇଁ ପରିମଳ ଖର୍ଚ୍ଚ ବଢୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୧୮-୧୯ରେ ୫୪କୋଟି ୫୭ଲକ୍ଷ ୨୫ହଜାର ୨୭୫ ବଜେଟ୍ ହୋଇଥିବାବେଳେ ୨୦୨୩-୨୪ରେ ୧୦୫କୋଟି ୮୮ଲକ୍ଷ ୫୯ହଜାର ୧୯୯ ଟଙ୍କା ବଜେଟ୍ ରଖାଯାଇଛି। ଏହାସତ୍ତ୍ୱେ ସହରର ପରିମଳ ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଟଣୀ ବିଧାୟକ ସୁରେଶ ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ୩ ବିଧାୟକଙ୍କ ପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ।

# ରାଜ୍ୟ ଶିକ୍ଷା କ୍ଷେତ୍ରରେ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହୋଇଛି: ପାଣ୍ଡିଆନ୍

**କଟକ,୩୦।୬(ସୁପ୍ରିୟା ପ୍ରିୟଦର୍ଶିନୀ)**


୫-ଟି ସଚିବ ଭି.କେ. ପାଣ୍ଡିଆନ ଛାତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

୫-ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଗକୁ ହେବାକୁ ଥିବା ମୋ' ସ୍କୁଲର ନୂତନ ବିଲ୍ଡିଂ ଅର୍ଥ ଅନୁମୋଦନ ହୋଇଥିବାବେଳେ ଖେଳପଡ଼ିଆ ଉନ୍ନତୀକରଣ ପାଇଁ ଆବଶ୍ୟକ ଅର୍ଥ ମୁଖ୍ୟମନ୍ତ୍ରୀ ଯୋଗାଇ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ପାଣ୍ଡିଆନ ସ୍କୁଲରେ ପହଞ୍ଚି ପ୍ରଥମେ ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସ୍କୁଲ ପ୍ରୋଜେକ୍ଟ ସମ୍ପର୍କରେ ପୂର୍ତ୍ତ ବିଭାଗ ପକ୍ଷରୁ ତାଙ୍କୁ ମ୍ୟାପ୍ ଜରିଆରେ ଅବଗତ କରାଯାଇଥିଲା। ବୋର୍ଡ ହାଇସ୍କୁଲ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ୨ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। 'ବିର୍ଲା କାର୍ବନ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବୋର୍ଡ ସ୍କୁଲର ପୁରାତନ ଛାତ୍ର ଡ. ସନ୍ତୃପ୍ତ ବି. ମିଶ୍ର ବିର୍ଲା କାର୍ବନ କମ୍ପାନୀ ସିଏସ୍ଆର୍ ପାଣ୍ଠିରୁ ୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥକୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ କିପରି ଲଗାଇ ହେବ ସେନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ପରେ ପାଣ୍ଡିଆନ୍ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ୧୦ ମିନିଟ୍ ଧରି ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ୫-ଟି ସମ୍ପର୍କରେ ବୁଝାଇବା ସହ ସେମାନଙ୍କ ସୁବିଧା, ଅସୁବିଧା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରମାନେ ଉତ୍ସାହିତ ହୋଇ ପାଣ୍ଡିଆନ୍‌ଙ୍କ ଅଟୋଗ୍ରାଫ ମଧ୍ୟ ନେଇଥିଲେ। ଏହି ଅବସରରେ ପାଣ୍ଡିଆନ୍ କହିଛନ୍ତି, ଶିକ୍ଷାନୁଷ୍ଠାନ ହେଉଛି ବିଦ୍ୟାର୍ଥୀଙ୍କ ବିକାଶର ସୋପାନ। ଏହାର ଉନ୍ନତି ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ କର୍ତ୍ତବ୍ୟ। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହୋଇଛି। ଶିକ୍ଷା ବିପ୍ଳବରେ ମୁଖ୍ୟମନ୍ତ୍ରୀ ସହଯୋଗ କରୁଛନ୍ତି। ରୂପାନ୍ତରଣ ପ୍ରକ୍ରିୟାରେ ବିଦ୍ୟାଳୟ ନୂଆ ରୂପ ପାଇଛି। ବିଦ୍ୟାଳୟର ଉନ୍ନତି ପାଇଁ ଆଲୁମ୍‌ନିମାନେ ଗୋଟିଏ ହାତ ବଢ଼ାଇଲେ ମୁଖ୍ୟମନ୍ତ୍ରୀ ଦୁଇହାତ ବଢ଼ାଇ ସହଯୋଗ ଯୋଗାଇଦେବେ ବୋଲି ପାଣ୍ଡିଆନ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ତରୁଣ


@ ସୋନୁ


@ ଅନାମ


@ ଓମପ୍ରକାଶ


@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୧୧ ଦିନରେ ବାହୁଡ଼ିଲେ ପତିତପାବନ

**ବାଲିଅନ୍ତା,୩୦।୬ (ନୀଳମାଧବ ସାହୁ)**



ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ପ୍ରସିଦ୍ଧ ଶ୍ରୀ ପତିତପାବନ ଦେବଙ୍କ ବାହୁଡ଼ାଯାତ୍ରା ଶୁକ୍ରବାର ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପତିତପାବନ ଦେବଙ୍କ ଦାରୁବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିରରୁ ୧୧ ଦିନ ପରେ ସିଂହଦ୍ୱାରକୁ ବାହୁଡ଼ିଛନ୍ତି। ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ୪ଟା ୧୫ରୁ ଶ୍ରୀ ପତିତପାବନ ଦେବଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ଏକମାତ୍ର ରଥକୁ ଟାଣି ଟାଣି ସାଢେ ୬ଟାରେ ସିଂହଦ୍ୱାର ସମ୍ମୁଖରେ ଲଗାଇଥିଲେ। ପୁରୀ ଶ୍ରୀମନ୍ଦିର ଭଳି ଏଠାରେ ପ୍ରଭୁ ଶ୍ରୀ ପତିତପାବନ ଦେବଙ୍କ ସମସ୍ତ ରୀତିନୀତି ପାଳିତ ହୋଇଥାଏ। କିନ୍ତୁ ବାହୁଡ଼ା ଯାତ୍ରା ୯ ଦିନ ପରିବର୍ତ୍ତେ ୧୧ ଦିନରେ ହୋଇଥାଏ। ପୂର୍ବରୁ ପୁରୀ ଏମାର ମଠ ମହନ୍ତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ଓ ସୁନାବେଶ ସାରି ଏଠାକୁ ଆସିବା ପରେ ଦ୍ୱାଦଶୀ ତିଥିରେ ରଥଟଣାରେ ସାମିଲ ହୋଇଥାନ୍ତି। ଏହି ପରମ୍ପରା ଅନୁଯାୟୀ ଏଠାରେ ବାହୁଡ଼ା ଯାତ୍ରା ପାଳିତ ହୋଇଆସୁଛି।

## ଆଜି କ'ଣ କେଉଁଠି

କଟକ

- କଟକ ଜିଲା ଉତ୍କଳ ଗାନ୍ଧୀ ସ୍ମାରକନିଧି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ବିଜ୍ଞାନ ପ୍ରଚାର ସମିତି ପକ୍ଷରୁ ପ୍ରଫେସର ଡା. ବାସୁଦେବ କର ସ୍ମାରକୀ ବକ୍ତୃତା, ଉଦ୍ଭିଦ ବିଜ୍ଞାନ ବିଭାଗ ରାମକୃଷ୍ଣ ମେମୋରିଆଲ ହଲ୍, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ଖାନ୍‌ନଗର ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ବୈଠକ

**କଟକ ,୩୦।୬(ସୁପ୍ରିୟା ପ୍ରିୟଦର୍ଶିନୀ):** ଖାନ୍‌ନଗର ହାଇସ୍କୁଲରେ ପୋଷାକ ବିତରଣ ଉତ୍ସବ ଓ ଅଭିଭାବକ-ଶିକ୍ଷକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ, କର୍ପୋରେଟର ଗୋପାଳ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ପ୍ରିୟବ୍ରତ ମିଶ୍ର, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଶ୍ରୀ ପରିଡ଼ା, ସିଆରସିସି ସ୍ୱାଗତିକା ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏହି ଅବସରରେ ବୋର୍ଡ ପରୀକ୍ଷାରେ ପ୍ରଥମଶ୍ରେଣୀରେ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ ଧନ୍ୟବାଦ୍ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ମଙ୍ଗୁଳି-ଜଗତପୁର,୩୦।୬ (ମାନସ ସାମଲ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷି ବିଭାଗର ଓଭରସିୟର କରୁଣାକର ପଣ୍ଡା ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀଙ୍କ ଅଧକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ କୁଳମଣୀ ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କରୁଣାକରଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋଭିଜିନାଲ ପେନ୍‌ସନ୍ ପେପର ପ୍ରଦାନ କରିଥିଲେ। ବ୍ଲକ ଅତିରିକ୍ତ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ, ପୂର୍ବତନ ଆତ୍ମା ଅଧକ୍ଷ ନିବାସ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କୃଷି ବିଭାଗର ରଞ୍ଜନ କୁମାର ନାୟକ, ପ୍ରକାଶ ଚନ୍ଦ୍ର ସାମଲ, ସୁଶାନ୍ତ କୁମାର ସେଠୀ, ରାଜେଶ୍ୱରୀ ସାହୁ, ରାଇଦାସ ସିଂ, ମଧୁସ୍ମିତା ମୁର୍ମୁ, ସୁବ୍ରତ ଦାସ, ରାଜଶ୍ରୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରେଣୀଗୃହ, ଏଟିଏମ୍ ଉଦ୍‌ଘାଟିତ

**ମଙ୍ଗୁଳି-ଜଗତପୁର,୩୦।୬ (ମାନସ ସାମଲ):** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଓ ଅଞ୍ଚଳବାସୀଙ୍କ ସୁବିଧା ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦା ତରଫରୁ ମହାବିଦ୍ୟାଳୟ ନିକଟଠାରେ ଏଟିଏମ୍ ଉଦଘାଟିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ସସ୍ମିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଶ୍ରେଣୀଗୃହ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମର ଡେପୁଟି ମେୟର ଦମୟନ୍ତୀ ମାଝି, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକିଶୋର ସ୍ୱାଇଁ, ବ୍ୟାଙ୍କ ଅଫ୍ ବରୋଦାର ଓଡ଼ିଶା ରାଜ୍ୟ ମହାପ୍ରବନ୍ଧକ ଡ. ରମେଶ କୁମାର ମହାନ୍ତି, କଟକ ଅଫିସ ମୁଖ୍ୟ ରଞ୍ଜିତ କୁମାର ମହାନ୍ତି ଓ ଜଗତପୁର ଶାଖା ପରିଚାଳକ ଗୌତମ ରାଉଳ ପ୍ରମୁଖ ଯୋଗଦେଇଥିଲେ।

### ନନ୍ଦନକାନନକୁ ଆସିଲା ଉଦ୍ଧାର ବଜ୍ରକାପ୍ତା

**ବାରଙ୍ଗ,୩୦।୬(ଲିଙ୍ଗରାଜ ରାଉତ):** ଖୋର୍ଦ୍ଧା ଡିଭିଜନ ରଣପୁରରୁ ଏକ ବଜ୍ରକାପ୍ତାକୁ ସେଠାକାର ବନବିଭାଗ କର୍ମଚାରୀ ଉଦ୍ଧାର କରି ଶୁକ୍ରବାର ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଛାଡିଛନ୍ତି। ବଜ୍ରକାପ୍ତା ଆସିବା ପରେ ତାକୁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ଛଡ଼ାଯାଇଛି। ଉଦ୍ଧାର ବଜ୍ରକାପ୍ତାର ଲିଙ୍ଗ ଚିହ୍ନଟ ହୋଇ ନ ଥିବାବେଳେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୨୫ରେ ପହଞ୍ଚିଛି।

# ରୋଗୀ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା

**ସାଲେପୁର,୩୦।୬ (ଅରବିନ୍ଦ ଭୂୟାଁ)**

ସାଲେପୁରସ୍ଥିତ ରାଇସୁଙ୍ଗୁଡ଼ା ଗ୍ରାମର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଡାକ୍ତର ଓ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ଚିକିତ୍ସା ହୋଇ ନ ପାରିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ଉତ୍ତ୍ୟକ୍ତ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲିଥିଲା।

ରାଇସୁଙ୍ଗୁଡ଼ା ଅଞ୍ଚଳର ଯଦୁନାଥ ଶତପଥୀ(୬୨) ଶୁକ୍ରବାର ସକାଳେ କୌଣସି କାରଣରୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ତୁରନ୍ତ ତାଙ୍କୁ ରାଇସୁଙ୍ଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।



ଆନ୍ଦୋଳନକାରୀମାନେ ରାଇସୁଙ୍ଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି।

ସେତେବେଳେ ଡାକ୍ତର କିମ୍ବା କର୍ମଚାରୀ କେହି ଉପସ୍ଥିତ ନ ଥିଲେ। ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଲୋକେ ଯଦୁନାଥଙ୍କୁ ଧରି ଅପେକ୍ଷା କରି ରହିଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ଅଭାବରୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଡାକ୍ତରଖାନାରେ ତାଲା ପକାଇଥିଲେ। ଖବରପାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପ୍ରଧାନ ଓ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆବଶ୍ୟକ ସମୟରେ ଡାକ୍ତର ଓ କର୍ମଚାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିବେ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

**ରାଇସୁଙ୍ଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**
- ଚିକିତ୍ସାରେ ଅବହେଳା ଅଭିଯୋଗ
- ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରିଥିଲେ
- ଡାକ୍ତର, କର୍ମଚାରୀ ଉପସ୍ଥିତ ନ ଥିଲେ



କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶୁକ୍ରବାର ଶ୍ରୀଜୀଉଙ୍କ ନିକଟରେ ଅଧରପଣା ଲାଗି କରାଯାଉଛି।

# 'ପାରିବାରିକ କଳହକୁ ରାଜନୈତିକ ରୂପ ଦିଆଯାଉଛି'

**ଟିଗିରିଆ, ୩୦।୬ (ଜାଫର ଖାଁ )**

ଟିଗିରିଆ ବ୍ଲକ ବଡ଼ନାଉପୁଟ ପଞ୍ଚାୟତସ୍ଥିତ ଖଣ୍ଡହତା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ କଳି ବଢ଼ି ପ୍ରଥମେ ୨ ସାହି ଓ ପରେ ୨ ରାଜନୈତିକ ଦଳ ମଧ୍ୟରେ ଛକାପଞ୍ଝା ହୋଇଛି। କିଛିଦିନ ତଳେ ଭାଜପା ନେତା ଅଭୟ ବାରିକଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ଆଠଗଡ ଏସ୍‌ଡିଓଙ୍କୁ ଭେଟିବା ସହ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ସେହିପରି ଶୁକ୍ରବାର ବିଜେଡି ପଞ୍ଚାୟତ ସଭାପତି ପ୍ରସନ୍ନ କୁମାର ଚୌଧୁରୀଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ ଖଣ୍ଡହତା ଗ୍ରାମ ଜଗନ୍ନାଥ ମନ୍ଦିରରେ କରାଯାଇଥିଲା। ଭାଜପା ନେତା ବାରିକ ୨ ପରିବାରର କଳିକୁ ରାଜନୈତିକ ରଙ୍ଗ ଦେଇ ଗ୍ରାମରେ ଶାନ୍ତି ଶୃଙ୍ଖଳା ଓ ଭାଇଚାରା ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଏହି ସମ୍ମିଳନୀରେ କୁହାଯାଇଛି। ଅପରପକ୍ଷେ ଘଟଣାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ଦର୍ଶାଯାଇଛି। ଏନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ବାରିକ ଦାୟୀ ରହିବେ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଟିଗିରିଆ ଥାନା ଅନ୍ତର୍ଗତ ବଡ଼ନାଉପୁଟ ପଞ୍ଚାୟତସ୍ଥିତ ଖଣ୍ଡହତା ଗ୍ରାମର ମୃତ୍ୟୁଞ୍ଜୟ ରାଉତଙ୍କ ସ୍ତ୍ରୀ ବବିତା କିଛି ଦିନ ପୂର୍ବେ ଥାନାରେ ଏକ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ଗ୍ରାମର ମନୋରଞ୍ଜନ ନାୟକଙ୍କ ସମେତ ଆଉ କେତେ ଜଣ ବବିତାଙ୍କ ଘରେ ପହଞ୍ଚି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀ ମୃତ୍ୟୁଞ୍ଜୟଙ୍କୁ ମାଡ଼ ମାରିବା ସହ ଖଣ୍ଡା ଦେଖାଇ ଧମକ ଦେଇଥିଲେ। ଏହି ସମୟରେ ବବିତା ପହଞ୍ଚି ଅଟକାଇବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ବବିତାଙ୍କ ହାତରେ ଖଣ୍ଡା ବାଜି ରକ୍ତସ୍ରାବ ହୋଇଥିଲା। ଏନେଇ ଥାନାରେ ମାମଲା (ନଂ. ୧୧୪/୨୩) ରୁଜୁ ହୋଇଛି। ଅପରପକ୍ଷେ ଉକ୍ତ ଗ୍ରାମର ଗୋଲକ ରାଉତଙ୍କ ସ୍ତ୍ରୀ ରେଖା ରାଉତ (୬୯) ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖରେ ଗୋଲକ ରାତିପ୍ରାୟ ସାଢ଼େ ୧୦ଟାରେ ଗ୍ରାମ ନିକଟ ନଦୀବନ୍ଧ ଭାଡ଼ିରେ ବସିଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଲାଲମୋହନ ରାଉତ, ସହଯୋଗୀ ମୃତ୍ୟୁଞ୍ଜୟ ଓ ଆଉ କେତେଜଣ ଆସି ବିନା କାରଣରେ ଗୋଲକଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଖବରପାଇ ଗୋଲକଙ୍କ ସାନପୁଅ, ମଝିଆ ପୁଅ ଓ ସ୍ତ୍ରୀ ରେଖା ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ଦିଆଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୧୨୫/୨୩) ରୁଜୁ କରାଯାଇଛି ବୋଲି ଆଇଆଇସି ସୁଚିତ୍ରା ଜେନା କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ପଞ୍ଚାୟତ ସଭାପତି ପ୍ରସନ୍ନ କୁମାର ଚୌଧୁରୀ ଓ ଅନ୍ୟମାନେ।

### ୬୨ କି.ଗ୍ରା. ଗଞ୍ଜେଇ ଜବତ: ଜଣେ ଗିରଫ

**ନିଶ୍ଚିନ୍ତକୋଇଲି, ୩୦।୬ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନେମାଳ ଥାନା ଅଧୀନ ଝାଡ଼େଶ୍ୱରପୁର ପଞ୍ଚାୟତ ବାଲିଗଡ଼ାରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରି ୬୨ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ବ୍ୟବସାୟୀ ସୁଦାମ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ଗୋପୀନାଥପୁର ଗ୍ରାମରେ। ରାଜ୍ୟ ଅବକାରୀ ବିଭାଗ ଅତିରିକ୍ତ କମିଶନର ନୃସିଂହ ଭୋଲ ଓ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ସକାଳେ ସାଲେପୁର ଓ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ତରଫରୁ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୩ଟି ଅଖା ବସ୍ତାରେ ଥିବା ଗଞ୍ଜେଇକୁ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ସାଲେପୁର ଅବକାରୀ ଇନ୍ସପେକ୍ଟର ମାନସୀ ନାୟକ, ଟେଲେସ୍ପୋର ଲାକ୍ରା, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଓଆଇସି ରାଜକିଶୋର ଜେନା, ଏସ୍‌ଆଇ ଦୁଷ୍ମନ୍ତ କୁମାର ବସନ୍ତରା, ଅଜୟ ଜେନା, ସୁନୀଲ ବଳ, ଈଶ୍ୱର ଟୁଡୁ, ଖଗେଶ୍ୱର ବେହେରା, ସୋନାଲି ନାୟକ ଓ ଗୀତାଞ୍ଜଳି ଜେନା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ମଦ ଜବତ, ୨ ଗିରଫ

**ବାରଙ୍ଗ,୩୦।୬ (ଲିଙ୍ଗରାଜ ରାଉତ)**

ବେଆଇନ ଦେଶୀ ମଦ ବିକ୍ରୟ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ମୁଜୁରିପଡା ଗାଁର ଅମର ନାୟକ ଓ ଦାଢାଭୋଇ ସାହିର ବିଶ୍ୱଜିତ ଭୋଇ। ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ପାଟ୍ରୋଲିଂ ଟିମ୍ କେନ୍ଦୁପାଟଣା କଲେଜ ନିକଟରେ ଚଢ଼ାଉ କରିବା ସହ ସର୍ବସାଧାରଣରେ ବେଆଇନ ଦେଶୀ ମଦ ବିକ୍ରି କରୁଥିବାବେଳେ ଦୁହିଙ୍କୁ କାବୁ କରିଥିଲା। ପୋଲିସ ସେମାନଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ କରିଛି।

# ଅନଶନ ପରେ ଅନ୍ୟ ଏକ ଏସ୍‌ଏଚ୍‌ଜିକୁ ହସ୍ତାନ୍ତର

**ମିଶନ ଶକ୍ତି ଗୃହ ବିବାଦ**
- ଅନିୟମିତତା ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ

**ନିଶ୍ଚିନ୍ତକୋଇଲି, ୩୦।୬ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତର ଏକ ମିଶନ ଶକ୍ତି ଗୃହକୁ ନେଇ ମହାସଂଘ ଓ ଏକ ଏସ୍‌ଏଚ୍‌ଜି ଗ୍ରୁପ ମଧ୍ୟରେ ବିବାଦ ଉପୁଜିଛି। ଅପରପକ୍ଷେ ଗୃହ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ରାଜ୍ୟ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସମିତି ସଭ୍ୟା ଅନଶନ କରିଥିଲେ। ଏହାପରେ ଅନ୍ୟ ଏକ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଏହି ଗୃହ ହସ୍ତାନ୍ତର କରାଯାଇଛି। ଏହି ବ୍ଲକର କଟରପଡା ପଞ୍ଚାୟତ ଅନ୍ତର୍ଗତ ସାଙ୍କିଲୋ ଗ୍ରାମରେ ଅନନ୍ୟା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ବ୍ୟକ୍ତିଗତ ମାଲିକାନାରେ ଏକ ଜମି ଥିଲା। ସେଠାରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଏହି ଜମି ଉପରେ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ବରାଦରେ ଏକ ଗୃହ ନିର୍ମାଣ କରାଯାଇଥିଲା। ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଅର୍ଦ୍ଧନିର୍ମିତ ଗୃହ ଉପରେ ସ୍ଥାନୀୟ ମହିଳା ମହାସଂଘ ନିମନ୍ତେ ସେଠାରେ ବ୍ଲକ ପ୍ରଶାସନ ତରଫରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା। ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହେବା ସହ ମାଲିକାନାକୁ ନେଇ ବିବାଦ ଉପୁଜିଥିଲା। ଏହାପରେ ଅନନ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀ ତାଲା ପକାଇ ଏହାକୁ ନିଜ କବ୍‌ଜାରେ ରଖିଥିଲା। ଏହି ବିବାଦର ସମାଧାନ ଓ ଅନିୟମିତାର ତଦନ୍ତ ନିମନ୍ତେ ସ୍ଥାନୀୟ ସମିତି ସଭ୍ୟା ସ୍ୱାଗତିକା ନାୟକ ଜିଲାପାଳ, କଟକ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଓ ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ କୌଣସି ସମାଧାନ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ସେ ରାଜ୍ୟ ମିଶନ ଶକ୍ତି ଭୁବନେଶ୍ୱର କାର୍ଯ୍ୟାଳୟ ସମ୍ମୁଖରେ ସମର୍ଥକଙ୍କ ସହ ଅନଶନ କରିଥିଲେ। ଏହାପରେ ଅନିୟମିତାର ତଦନ୍ତ କରାଯିବା ନିମନ୍ତେ ରାଜ୍ୟ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ରାଜ୍ୟ ମିଶନ ଶକ୍ତି ସଚିବଙ୍କ ନିର୍ଦ୍ଦେଶ କ୍ରମେ ଏହି ଗୃହକୁ ଶ୍ରୀବିନାୟକ ନାମକ ଏସ୍‌ଏଚ୍‌ଜିକୁ ହସ୍ତାନ୍ତର କରାଯାଇଛି। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା (ଚିଠି ନଂ. ୮୯୩ ତା ୩୦/୬/୨୦୨୩)ରେ ସ୍ଥାନୀୟ ଶ୍ରୀବିନାୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଗୃହର ଚାବି ହସ୍ତାନ୍ତର କରାଯାଇଛି। ଏହି ଗୃହରେ ଉଭୟ ଗୋଷ୍ଠୀର ମାସିକ ବୈଠକ, ଉତ୍ପାଦିତ ସାମଗ୍ରୀର କ୍ରୟବିକ୍ରୟ କରିପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଘଟଣାର ପଞ୍ଚାୟତିରାଜ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଲା ପରେ ସମିତି ସଭ୍ୟା ଅନଶନ ପ୍ରତ୍ୟାହୃତ କରିଥିବା ପ୍ରକାଶ କରିଛନ୍ତି।



ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଭ୍ୟା ସ୍ୱାଗତିକା ନାୟକ ସମର୍ଥକଙ୍କ ସହ ଅନଶନରେ ବସିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତରୁଣ



@ ସୋନୁ



@ ଅନାମ



@ ଓମପ୍ରକାଶ



@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୧୦ରୁ ବେଗୁନିଆ ବନ୍ଦ

**ବେଗୁନିଆ,୩୦।୬ (ହରପ୍ରସନ୍ନ ପଣ୍ଡା)**

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ର ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି, ଯାହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ସିଏଚ୍‌ସି ମ୍ୟାନ୍ୟତା ଦାବିରେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣ ସତ୍ୟାଗ୍ରହ ଜାରି ରହିଛି। ହେଲେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଆସନ୍ତା ଜୁଲାଇ ୧୦ ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବେଗୁନିଆ ବନ୍ଦ କରାଯିବ ବୋଲି କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କମିଟି ସଭାପତି ଲାଲା ଦିଲୀପ ରାୟ, ଉପେନ୍ଦ୍ର ନାଥ ସାହୁ, ପ୍ରକାଶ କୁମାର ବଳିୟାରସିଂହ, ଦେବାଶିଷ ସାହୁ , ରମାକାନ୍ତ ମହାପାତ୍ର, ଭାଗୀରଥି ପରିଡା, ସୁଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପାସ୍ ହାର ୮୭.୮%: ତାରାପ୍ରସାଦ ଶ୍ରେଷ୍ଠ ସ୍ନାତକ



ସ୍ନାତକ ଫଳ ପ୍ରକାଶିତ ପରେ ଅତିଥିଙ୍କ ଗହଣରେ ବିଭିନ୍ନ ବିଭାଗର ଟପ୍ପର ଛାତ୍ରୀଛାତ୍ର।

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)

## ପି.ଏନ୍. କଲେଜ ସ୍ନାତକ ପରୀକ୍ଷାଫଳ ପ୍ରକାଶିତ

- ବାଣିଜ୍ୟରେ ନିଶା, କଳାରେ ଶୁଭଲକ୍ଷ୍ମୀ ଟପ୍ପର
- ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପଞ୍ଚଦଶତମ ଶେଷବର୍ଷ ସ୍ନାତକ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମର ବାର୍ଷିକ ପରୀକ୍ଷାଫଳ ଶୁକ୍ରବାର କ୍ୟାମ୍ପସ ମୈତ୍ରୀଭବନରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପାସ୍ ହାର ୮୭.୮ ପ୍ରତିଶତ ରହିଛି। ଚଳିତ ବର୍ଷ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ମାଜିମାତ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୩.୯ ପ୍ରତିଶତ ରହିଥିବାବେଳେ ଛାତ୍ରୀଙ୍କ ପାସ୍ ହାର ୮୧.୫ ପ୍ରତିଶତ ରହିଛି। କଳାରେ ୩୫୬ ଜଣ ପରୀକ୍ଷା ଦେଇଥିଲେ, ୩୩୪ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୪ ଛାତ୍ର ଏବଂ ୨୪୦ ଛାତ୍ରୀ ରହିଛନ୍ତି। ପାସ୍ ହାର ୯୧.୫ ପ୍ରତିଶତ ରହିଛି। ବାଣିଜ୍ୟରେ ୩୮୪ ଜଣ ପରୀକ୍ଷା ଦେଇଥିଲେ। ୩୦୩ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୮୨ ଛାତ୍ର ଓ ୧୨୧ ଛାତ୍ରୀ ଅଛନ୍ତି। ପାସ୍ ହାର ୭୮.୯ ପ୍ରତିଶତ ରହିଛି। ସେହିଭଳି ବିଜ୍ଞାନରେ ୨୯୭ ଜଣ ପରୀକ୍ଷା ଦେଇଥିଲେ। ୨୮୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୪୬ ଛାତ୍ର ଓ ୧୩୫ ଛାତ୍ରୀ ରହିଥିବା ବେଳେ ପାସ୍ ହାର ୯୪.୬ ପ୍ରତିଶତ ରହିଛି। ବାଣିଜ୍ୟରେ ନିଶା କୁମାରୀ ପାଣ୍ଡେ, କଳା ଶିକ୍ଷା ସମ୍ମାନରେ ଶୁଭଲକ୍ଷ୍ମୀ ପଣ୍ଡା ଏବଂ ବିଜ୍ଞାନରେ ଉଦ୍ଭିଦ ବିଜ୍ଞାନ ସମ୍ମାନର ତାରାପ୍ରସାଦ ମାର୍ଥା ଟପ୍ପର ହୋଇଛନ୍ତି। ତାରାପ୍ରସାଦ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ସାମ୍ବତ୍ସରିକ ଉତ୍ସବ-୨୪ରେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ।

କଲେଜ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଦେବୀ ପ୍ରସନ୍ନ ପଟ୍ଟନାୟକ ପରୀକ୍ଷା ଫଳାଫଳ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅନ୍ତିମ ପରୀକ୍ଷାଫଳ ଛଅଟି ସେମିଷ୍ଟର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଥିବା ସେ କହିଥିଲେ। ବିଧାୟକ କଲେଜର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷା ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ। ସଭାରେ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

| ବିଭାଗ | ନାମ (ଟପ୍ପର) |
|---|---|
| ଅର୍ଥନୀତି | ସନ୍ତୋଷୀ ସାହୁ |
| ଶିକ୍ଷା | ଶୁଭଲକ୍ଷ୍ମୀ ପଣ୍ଡା |
| ଇଂଲିଶ | ସୋନାଲି ପ୍ରିୟଦର୍ଶିନୀ ସାହୁ |
| ଇତିହାସ | ଐଶ୍ୱର୍ଯ୍ୟା ପୃଷ୍ଟି |
| ଓଡ଼ିଆ | ପୁଷ୍ପଲତା ବାରିକ |
| ଦର୍ଶନ | ପ୍ରଭାତିକା ସାହୁ |
| ରାଜନୀତି ବିଜ୍ଞାନ | ସୁମିତ୍ରା ବେହେରା |
| ମନସ୍ତତ୍ତ୍ୱ | ରାଜଶ୍ରୀ ରାଜଲକ୍ଷ୍ମୀ |
| ସଂସ୍କୃତ | ସସ୍ମିତା ସାହୁ |
| ପ୍ରାଣୀ ବିଜ୍ଞାନ | ତାରାପ୍ରସାଦ ମାର୍ଥା |
| ରସାୟନ ବିଜ୍ଞାନ | ଲକ୍ଷ୍ମୀପ୍ରିୟା ପ୍ରଧାନ |
| ଭୂଗୋଳ | ସ୍ୱାଗତିକା ବେହେରା |
| କମ୍ପ୍ୟୁଟର ସାଇନ୍ସ | ବର୍ଷା ମହାନ୍ତି |
| ଗଣିତ | ଓମ୍ ବିଶ୍ୱରଞ୍ଜନ ରାଉତରାୟ |
| ପଦାର୍ଥ ବିଜ୍ଞାନ | ଦୀପକ କୁମାର ମେହେର |
| ଭୂତତ୍ତ୍ୱ ବିଜ୍ଞାନ | ଇପ୍ସିତା ପଟ୍ଟନାୟକ |
| ଉଦ୍ଭିଦ ବିଜ୍ଞାନ | ଶୁଭସ୍ମିତା ନାୟକ |
| ଇଲେକ୍ଟ୍ରୋନିକ୍ସ | ଲକ୍ଷ୍ମୀନାରାୟଣ ମହାପାତ୍ର |
| ବାଣିଜ୍ୟ | ନିଶା କୁମାରୀ ପାଣ୍ଡେ |

### 'କଠିନ ପରିଶ୍ରମର ଫଳ ମିଳିଛି'

ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ। ମୁଁ ମୋ ବିଭାଗରେ ଟପ୍ପର ହେବା ଲାଗି ଚେଷ୍ଟା ଜାରି ରଖିଥିଲି। ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହୋଇଥିବାରୁ ଅତ୍ୟନ୍ତ ଖୁସି। ମୋର ଏହି ସଫଳତା ପଛରେ କଲେଜର ଅଧ୍ୟାପିକା ଅଧ୍ୟାପକ ଏବଂ ପରିବାର ଲୋକଙ୍କ ଆଶୀର୍ବାଦ ଓ ପ୍ରେରଣା ରହିଛି। ଜୀବନର ଲକ୍ଷ୍ୟପଥରେ ପହଞ୍ଚିବାକୁ ହେଲେ ନିଷ୍ଠା ଓ ଏକାଗ୍ରତା ଜରୁରୀ।

**– ତାରା ପ୍ରସାଦ ମାର୍ଥା, କଲେଜ ଟପ୍ପର**

## ସଂକ୍ଷେପରେ

### ମଦ ଜବତ, ୩ ବେପାରୀ ଗିରଫ

ନିରାକାରପୁର,୩୦।୬(ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ଥାନା ପୋଲିସ ଶୁକ୍ରବାର ୩ ଚୋରାମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅଧୀନ ଲହଙ୍ଗା ଗ୍ରାମର ବିଭୂତି ବିଶ୍ୱାଳ, ଗୋଡ଼ିପଡ଼ାର ପ୍ରଶାନ୍ତ ସାସ୍ମଲ ଓ ନିରାକାରପୁର ଥାନା ବୋଡ଼ଙ୍ଗରାପାଟଣା ଗ୍ରାମର ଦୁଷ୍ମନ୍ତ ପ୍ରଧାନ। ଏମାନଙ୍କ ନିକଟରୁ ବିପୁଳ ପରିମାଣର ମଦ ଜବତ ହୋଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ୩୦ ଲିଟର ଦେଶୀ ମଦ ଓ ଏକ ବାଇକ୍ ଜବତ କରାଯାଇଥିବା ପୋଲିସ କହିଛି। ସୂଚନା ମୁତାବକ, ଚୋରାରେ ମଦ ଆସୁଥିବା ଖବରପାଇ ପୋଲିସ ୧୬ନଂ. ଜାତୀୟ ରାଜପଥରୁ ବିଭୂତି ଓ ପ୍ରଶାନ୍ତଙ୍କୁ ଧରିଥିବା ବେଳେ ଦୁଷ୍ମନ୍ତଙ୍କୁ ବୋଡଙ୍ଗରାରୁ ଧରିଥିଲା। ଏ ନେଇ ପୃଥକ୍‌ଭାବେ ଥାନାରେ ୩ଟି ମାମଲା(ନଂ.୧୬୫, ୧୬୬, ୧୬୭/୨୩) ରୁଜୁ ହୋଇଛି।

### କଟୁରିରେ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ବାଲିପାଟଣା,୩୦।୬(ଅଭିମନ୍ୟୁ ନାୟକ): କଟୁରିରେ ଆକ୍ରମଣ କରିବା ଅଭିଯୋଗରେ ବାଲିପାଟଣା ଥାନା ପୋଲିସ ଶୁକ୍ରବାର ଲକ୍ଷ୍ମୀଜନାର୍ଦ୍ଦନ ପାଟଣାର ରତ୍ନାକର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୩ ତାରିଖରେ ଲକ୍ଷ୍ମୀଜନାର୍ଦ୍ଦନ ପାଟଣାର ସୁକାନ୍ତ ସାହୁ ସାଇକେଲରେ ଘରକୁ ଆସୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ରତ୍ନାକର ତାଙ୍କୁ କଟୁରିରେ ଆକ୍ରମଣ କରିଥିଲା। ଫଳରେ ସୁକାନ୍ତଙ୍କ ହାତରେ ଗଭୀର କ୍ଷତ ହୋଇଥିଲା। ତେବେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ରତ୍ନାକର ଫେରାର ହୋଇଯାଇଥିଲେ। ଏନେଇ ସୁକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୨୦/୨୩) ରୁଜୁକରି ତଦନ୍ତ ଚଳାଇ ଶୁକ୍ରବାର ରତ୍ନାକରଙ୍କୁ ଗିରଫ କରିଛି।



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭୀମ୍ ଆର୍ମି ଖୋର୍ଦ୍ଧା ଶାଖାର କର୍ମକର୍ତ୍ତା।

## ନକଲି ପୋଲିସକୁ ଧରିଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର,୩୦।୬(ସୂର୍ଯ୍ୟକାନ୍ତ ବେହେରା)

### ଥାନା ଅଧିକାରୀ ପରିଚୟ ଦେଇ ମାଡ ଅଭିଯୋଗ

- ସାନ ଭାଇ ନ ଆସିବାରୁ ବଡ଼ଙ୍କୁ ଆକ୍ରମଣ
- ଅଭିଯୁକ୍ତ ଘରୋଇ ୱେବ୍ ଚ୍ୟାନେଲ ଚଲାଉଥିବା ସୂଚନା

ପୋଲିସ ପୋଷାକ ପିନ୍ଧି ଥାନାଧିକାରୀ ପରିଚୟ ଦେଇ ନିସ୍ତୁକ ମାଡ଼ ମାରି ଅଚେତ କରିବା ଘଟଣାରେ କମିଶନରେଟ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ଏୟାରଫିଲ୍ଡ ଥାନାଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ଏଠାରେ ରହୁଥିବା କେନ୍ଦ୍ରାପଡ଼ାର ରଶ୍ମି ରଞ୍ଜନ ଭୂୟାଁ। ତାଙ୍କଠାରୁ କମିଶନରେଟ ପୋଲିସର ଲୋଗୋ ଓ ୩ ଷ୍ଟାର୍ ଥିବା ପୋଲିସ ପୋଷାକ, ମୋବାଇଲ୍ ଫୋନ୍ ଆଦି ଜବତ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ରଞ୍ଜନ ଜେନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ତେବେ ଏଥିରେ ସମ୍ପୃକ୍ତ ଥିବା ରଶ୍ମିଙ୍କ ୪ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଟଙ୍କା କାରବାରକୁ ନେଇ ଅଭିଯୋଗକାରୀ ରଞ୍ଜନ ଜେନାଙ୍କ ଭାଇଙ୍କ ସହ ଅଭିଯୁକ୍ତ ରଶ୍ମିଙ୍କର କିଛି ପୂର୍ବ ଶତ୍ରୁତା ଥିଲା। ତେଣୁ ତାଙ୍କୁ ଘରକୁ ଡାକି ଆକ୍ରମଣ ଯୋଜନା କରିଥିଲେ ରଶ୍ମି। ହେଲେ ସେ ନ ଆସିବାରୁ ବଡ଼ଭାଇ ରଞ୍ଜନଙ୍କୁ ବୋତଣ୍ଡାସ୍ଥିତ ତାଙ୍କ ଘରକୁ ଡାକିଥିଲେ। ସେ ପହଞ୍ଚିବା ପରେ ପୋଲିସ ପୋଷାକରେ ଅପେକ୍ଷା କରିଥିବା ଅଭିଯୁକ୍ତ ରଶ୍ମି ନିଜକୁ ଏୟାରଫିଲ୍ଡ ଥାନାର ଥାନାଧିକାରୀ ପରିଚୟ ଦେଇ ସାନ ଭାଇଙ୍କୁ ସେମାନଙ୍କ ନିକଟକୁ ଆଣିବା ପାଇଁ ତାଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ରଞ୍ଜନ ସହଯୋଗ ନ କରିବାରୁ ଅଭିଯୁକ୍ତ ଓ ସହଯୋଗୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ନିସ୍ତୁକ ମାଡ଼ରେ ରଞ୍ଜନ ଚେତାଶୂନ୍ୟ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତମାନେ ମୋବାଇଲ ଫୋନ୍ ଓ ଗାଡି ଚାବି ରଖି ବିଳମ୍ବିତ ରାତିରେ ତାଙ୍କୁ ତାଙ୍କ ଘର ଆଗରେ ଶୁଆଇ ଦେଇ ପଳାଇ ଆସିଥିଲେ। ଚେତା ଫେରିବା ପରେ ରଞ୍ଜନ ସ୍ତ୍ରୀଙ୍କ ସହ ଥାନାକୁ ଆସିଥିଲେ। ଥାନା ଅଧିକାରୀ ତାଙ୍କୁ ଆକ୍ରମଣ କରିଥିବା କହିବା ପରେ ଉପସ୍ଥିତ ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏକଥା ଥାନା ଅଧିକାରୀ ଅଶୋକ ନାୟକ ଜାଣିବା ପରେ ଆକ୍ରମଣ କରିଥିବା ଲୋକ ନକଲି ପୋଲିସ ଅଧିକାରୀ ହୋଇଥାଇପାରେ ବୋଲି ସନ୍ଦେହ କରି ତୁରନ୍ତ ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ ୧୫୯/୨୩) ରୁଜୁ ହୋଇଥିଲା। ପରେ ମୁଖ୍ୟ ଅଭିଯୁକ୍ତ ତଥା ନକଲି ଥାନାଧିକାରୀ ସାଜି ଆକ୍ରମଣ କରିଥିବା ଅଭିଯୁକ୍ତ ରଶ୍ମିଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ସେ ଏକ ଘରୋଇ ୱେବ୍ ଚ୍ୟାନେଲ ଚଳାଉଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ତେବେ ଚ୍ୟାନେଲ ପାଇଁ ନିଜ ପାଖରେ ପୋଲିସ ୟୁନିଫର୍ମ ରଖିଥିଲେ ନା ପୋଲିସର ପରିଚୟ ନେଇ ଅପରାଧ ଘଟାଉଥିଲେ, ତାହାର ଯାଞ୍ଚ ଚାଲିଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଭୁବନେଶ୍ୱର ସବ୍ ଡିଭିଜନ ୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ଭୀମ୍ ଆର୍ମି ପକ୍ଷରୁ ଦାବିପତ୍ର

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)

ଆଜାଦ୍ ସମାଜ ପାର୍ଟି ଅଧ୍ୟକ୍ଷ ତଥା ଭୀମ୍ ଆର୍ମି ସଂସ୍ଥାପକ ଚନ୍ଦ୍ରଶେଖର ଆଜାଦଙ୍କୁ ଉତ୍ତରପ୍ରଦେଶର ସାହାରନପୁରଠାରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଭୀମ୍ ଆର୍ମି ଖୋର୍ଦ୍ଧା ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଅବସରରେ ଭୀମ୍ ଆର୍ମି ଜିଲା ସଭାପତି ସୁନୀଲ ନାୟକ, ଉପସଭାପତି ଦୀପକ ଜେନା, ଉପଦେଷ୍ଟା ଦିବାକର ନାୟକ, ଜିଲା ମହିଳା ଉପସଭାନେତ୍ରୀ ମିନାକ୍ଷୀ କାଣ୍ଡି ଏବଂ ଜିଲା ସମ୍ପାଦକ ବିଶ୍ୱ କାହାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଭାକରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୩୦।୬(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ତାଳତୁମ୍ବ ସ୍ଥିତ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ପ୍ରଭାକର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଂଯୋଜକ ପଦ୍ମ ଚରଣ ବେହେରା ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା ମୁଖ୍ୟ ବକ୍ତା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ନାଥ ସ୍ୱାଇଁ, ଉପେନ୍ଦ୍ର ଦାଶ, ଡ. ସୁବ୍ରତ ମହାପାତ୍ର, ସରପଞ୍ଚ ପ୍ରଦୀପ ବାରିକ, ଶୈଳେନ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ରଘୁନାଥ ଦଳବେହେରା, ସତ୍ୟବାଦୀ ସାହୁ, ପବିତ୍ର ବେହେରା, ବାଳକୃଷ୍ଣ ନାୟକ ଅତିଥିଭାବେ ଯୋଗଦେଇଥିଲେ। ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ ସ୍ୱରଚିତ କବିତା ମାଧ୍ୟମରେ ପ୍ରଭାକରଙ୍କ ଜୀବନୀ ପ୍ରକାଶ କରିଥିଲେ। ଶିକ୍ଷକ ବସନ୍ତ କହଁର ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ତରୁଣ



@ ସୋନୁ



@ ଅନାମ



@ ଓମପ୍ରକାଶ



@ ପ୍ରମୋଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମଣିପୁର ହିଂସାର ପ୍ରତିବାଦ

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)

ମଣିପୁର ଜଳୁଛି। ସେଠାରେ ଚାଲିଥିବା ସାମ୍ପ୍ରଦାୟିକ ଦଙ୍ଗାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦାବି କରିଛି। ଶୁକ୍ରବାର ଏସ୍‌ୟୁସିଆଇର ଖୋର୍ଦ୍ଧା ଶାଖା ପକ୍ଷରୁ ସ୍ଥାନୀୟ ଟାଉନହଲ ଠାରେ ଏହାର ପ୍ରତିବାଦ କରାଯାଇଥିଲା। ଏଥିରେ କମିଟି ସମ୍ପାଦକ ଅଶୋକ ସାହୁ, ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ମଣିପୁର ହିଂସାରେ ସାଧାରଣ ଜନତାଙ୍କ ଜୀବନ ଯାଉଛି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।




## ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି କର୍ମଚାରୀ

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)

### ଖୋର୍ଦ୍ଧାରେ ଚାକିରି, ରାଜଧାନୀରେ ରହଣି

ଖୋର୍ଦ୍ଧା ସହରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ତେବେ କାର୍ଯ୍ୟାଳୟଗୁଡ଼ିକୁ ଠିକ୍ ସମୟରେ କର୍ମଚାରୀ ଆସୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଲୋକେ ଆବଶ୍ୟକ ସେବା ନ ପାଇ ନିରାଶରେ ଫେରୁଛନ୍ତି। ପ୍ରତ୍ୟେକ ଜିଲା ହେଡ୍ କ୍ୱାର୍ଟରରେ ଜିଲାସ୍ତରୀୟ ଅଧିକାରୀମାନେ ରହିବା ଲାଗି ସରକାରଙ୍କ ଗାଇଡ୍‌ଲାଇନ ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲେ ବି ଏଥିପ୍ରତି ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ।

ପ୍ରକାଶ ଯେ, ୧୯୯୩ ମସିହାରେ ଖୋର୍ଦ୍ଧା ଜିଲା ଗଠନ ହୋଇଥିଲା। ଏହାପରେ ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଲୋକେ ସରକାରୀ ସେବା ସୁବିଧା ପାଇବେ ବୋଲି ଆଶା ବାନ୍ଧିଥିଲେ। ହେଲେ ଅଧିକାରୀମାନେ ନିଜ ସରକାରୀ ଆବାସ ଛାଡ଼ି ରାଜଧାନୀ ଭୁବନେଶ୍ୱରରେ ରହୁଥିବା ଜଣାପଡ଼ିଛି। ଅନେକ ଅଧିକାରୀ ଓ କର୍ମଚାରୀ ନିୟମିତ ଅଫିସ୍ ଆସୁନାହାନ୍ତି। ସେହିପରି କେତେଜଣ କର୍ମଚାରୀ ବିଳମ୍ବରେ କାର୍ଯ୍ୟାଳୟକୁ ଆସି କିଛି ସମୟ ରହି ପୁଣି ଚାଲିଯାଉଛନ୍ତି। ଫଳରେ ଲୋକେ ସେବା ପାଇପାରୁନାହାନ୍ତି। ଏଠାରେ ଥିବା ଅଧିକାରୀମାନଙ୍କ ଆବାସ ମରାମତିରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ଅଥଚ ଅଧିକାରୀମାନେ ଏଠାରେ ରହି ସେବା ଯୋଗାଇବା ପରିବର୍ତ୍ତେ ରାଜଧାନୀରେ ରହିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଅନେକ ଅଧିକାରୀ ଏଠାରେ ରହୁ ନ ଥିବାରୁ ସେମାନଙ୍କ ଆବାସ ପରିସରରେ ଅନାବନା ଗଛଲତା ମାଡ଼ିଗଲାଣି। ସେହିପରି କେତେଜଣ ସରକାରୀ ଡାକ୍ତର ଓ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି। ରୋଗୀ ଉପଯୁକ୍ତ ଚିକିତ୍ସା ସେବା ନ ପାଇ ନିରାଶରେ ଫେରୁଛନ୍ତି। ତେଣୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।





ପୁରୀ: ଶୁକ୍ରବାର ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷ ରଥରେ ଅଧରପଣା ନୀତି ସମ୍ପନ୍ନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୬।୨୦୨୩

| ୩,୧୨,୮୩୭ ଟଙ୍କା | |
|---|---|
| ସୁନା | ୩୩.୪୫୦ ଗ୍ରାମ୍ |
| ରୁପା | ୨୨.୫୦୦ ଗ୍ରାମ୍ |

# ଶ୍ରୀମନ୍ଦିର ନାଁରେ ପୁଣି ଠକେଇ

### କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କଲେ ସେବାୟତ

ପୁରୀ, ୩୦।୬(ଅଜିତ ମହାନ୍ତି)

କିଛି ଦିନ ତଳେ ଉତ୍ସବ ନାମକ ଆପ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନାମରେ ଅନ୍‌ଲାଇନ୍ ପୂଜା କରାଯାଉଥିବା ନେଇ ବିଜ୍ଞାପନ ପ୍ରକାଶ ପାଇଥିଲା। ଭକ୍ତମାନେ ଭାରତର ଯେ କୌଣସି ସ୍ଥାନରେ ରହି ଏହି ଆପ୍ ମାଧ୍ୟମରେ ଟଙ୍କା ପଇଠ କରି ପୂଜା କରିବା ସହ ମହାପ୍ରସାଦ ନେଇପାରିବେ ଏବଂ ବିଭିନ୍ନ ପୂଜା ପାଇଁ ଭିନ୍ନ ଭିନ୍ନ ଟଙ୍କାର ବ୍ୟବସ୍ଥା ରହିଥିବା ଆପ୍‌ରେ ଉଲ୍ଲେଖ ରହିଥିଲା। ଏପରି ଘଟଣା ଲୋକଲୋଚନକୁ ଆସିବା ପରେ ଛାମୁ ଖୁଣ୍ଟିଆ ସେବାୟତ ଶମ୍ଭୁ ଖୁଣ୍ଟିଆ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ତେବେ ଉକ୍ତ ଘଟଣାର କିଛି ଦିନ ପରେ ସଂପ୍ରତି ପୁଣି ଏକ ଆପ୍ ମାଧ୍ୟମରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନାମରେ ଠକେଇ କରାଯାଉଥିବା ସୂଚନା ମିଳିଛି। ପୂଜା ନାମକ ଆପ୍‌ରେ ସୂଚନା ଦିଆଯାଇଛି ଯେ, ଶ୍ରୀଜଗନ୍ନାଥ ମନ୍ଦିରକୁ ସୁଦର୍ଶନ ମନ୍ଦିର ଭାବରେ ଦର୍ଶାଯାଇଛି। ମନ୍ଦିରରେ ସୁଦର୍ଶନ ପୂଜା କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଟଙ୍କା ବ୍ୟବସ୍ଥା ରହିଛି। ପୂଜା ପାଇଁ ୧୧୫୧ ଟଙ୍କା ରହିଥିବା ବେଳେ ଜିଏସ୍‌ଟି ୧୮ ପ୍ରତିଶତ ରହିଛି।




ଏପରି ପୂଜା ପାଇଁ ମୋଟ ୧୩୫୮ ଟଙ୍କା ୧୮ ପଇସା ଜଣକ ପିଛା ରଖାଯାଇଛି। ଯେଉଁ ଭକ୍ତମାନେ ପୂଜା କରିବାକୁ ଚାହୁଁଛନ୍ତି ସେମାନେ ଏହି ଆପ୍ ମାଧ୍ୟମରେ ଟଙ୍କା ପୈଠ କରି ପୁରୀ ସୁଦର୍ଶନ ମନ୍ଦିରରେ ଅନ୍‌ଲାଇନ୍‌ରେ ପୂଜା କରିପାରିବେ ବୋଲି ସୂଚନା ଦିଆଯାଇଛି। ଏ ନେଇ ସେବାୟତ ଶମ୍ଭୁ ଖୁଣ୍ଟିଆ ଜାଣିବା ପରେ କହିଛନ୍ତି, ଉକ୍ତ ଆପ୍‌ରେ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁଦର୍ଶନ ମନ୍ଦିର ବୋଲି ଦର୍ଶାଯାଇଛି। ଯେଉଁଠାରେ ସୁଦର୍ଶନଙ୍କ ପୂଜା ହେଉଛି ବୋଲି ଉଲ୍ଲେଖ କରାଯାଇଛି। ଏପରି କହି ଭକ୍ତମାନଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ କରୁଛି ପୂଜା ନାମକ ଆପ୍। ଏ ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଛତିଶା ନିଯୋଗ ଅବଗତ ନାହିଁ। ତେଣୁ ପ୍ରଶାସନ ଏ ନେଇ ଦୃଷ୍ଟିଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଖୁଣ୍ଟିଆ ଦାବି କରିଛନ୍ତି।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ନିୟମ ପାଳନ ଉପରେ ଗୁରୁତ୍ୱ

ପୁରୀ, ୩୦।୬(ଅଜିତ ମହାନ୍ତି): ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ଭାବେ ପାଳନ ଏବଂ ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସେ ପରାମର୍ଶ ଦେଇଥିଲେ। ଉପଯୁକ୍ତ ବୈଜ୍ଞାନିକ ପଦ୍ଧତିରେ ରାସ୍ତା ନିର୍ମାଣ, ସଡ଼କ ସୁରକ୍ଷାର ବିବିଧ ବ୍ୟବସ୍ଥାକୁ ଅନୁପାଳନ, ଉପଯୁକ୍ତ ସ୍ଥାନରେ ସୂଚନାଫଳକ ସ୍ଥାପିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହୁ ପରାମର୍ଶ ଦେଇଥିଲେ। ଆର୍‌ଟିଓ ରବିନ ପଟ୍ଟନାୟକ ଜିଲାର ତଥ୍ୟ ଉପସ୍ଥାପନ କରିଥିଲେ। ସହକାରୀ ଏମ୍‌ଭିଆଇ ଅମିତ ରଣା, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସାଇଟ୍ ଇଞ୍ଜିନିୟର ଏବଂ ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଅଟକ

ନିମାପଡ଼ା,୩୦।୬(ବିଚିତ୍ରାନନ୍ଦ ସାହୁ)- କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୨୬/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣକାରୀ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ମହିଳାଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ନିମାପଡ଼ା ଅଧୀନ ମିଟେଇପୁର ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ସନ୍ଦୀପ କୁଣ୍ଡ ଓ ସବିତା କୁଣ୍ଡଙ୍କ ମଧ୍ୟରେ ୬ ବର୍ଷ ତଳେ ବିବାହ ହୋଇଥିଲା। ବିବାହର ମାତ୍ର କିଛିମାସ ପରେ ସନ୍ଦୀପ ଏବଂ ତାଙ୍କ ମା' ବାସନ୍ତୀ ସବିତାଙ୍କୁ ବିନା କାରଣରେ ଉଦ୍ଦେଶ୍ୟମୂଳକ ଭାବେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏଥିସହ ବିଭିନ୍ନ ସମୟରେ ସନ୍ଦୀପ ମଧ୍ୟ ସବିତାଙ୍କୁ ନିସ୍ତୁକ ମାଡ଼ ମାରୁଥିବା ସେ ତାଙ୍କ ଅଭିଯୋଗ ପର୍ଦ୍ଦରେ ଦର୍ଶାଇଛନ୍ତି। ସେମାନଙ୍କର ୨ କନ୍ୟାସନ୍ତାନ ଅଛନ୍ତି। ସ୍ୱାମୀଙ୍କ ମାଡ଼ଗାଳି ସହି ନ ପାରି ସବିତା ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି।




ନୀଳାଦ୍ରିବିଜେ ଏବଂ ରସଗୋଲା ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## 'ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ସୋସିଆଲ ମିଡିଆ'

ପୁରୀ, ୩୦।୬(ଅଜିତ୍ ମହାନ୍ତି)

ସାମାଜିକ ଅନୁଷ୍ଠାନ ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍ ପକ୍ଷରୁ ଶୁକ୍ରବାର ଜୁନ୍ ୩୦କୁ 'ସୋସିଆଲ ମିଡ଼ିଆ ଡେ' ଭାବେ ପାଳନ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ସମାଜ ପ୍ରତି ଥିବା ସାମାଜିକ ଗଣମାଧ୍ୟମର ଉପକାରିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶେଷକରି ଟୁଇଟର ପରି ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ସ୍ଥିତିରେ ସମାଜରେ କିପରି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି ଏବଂ ଏହା ମାଧ୍ୟମରେ କିପରି ସମାଜର ବିଭିନ୍ନ ସମସ୍ୟା ସହଜରେ ସମାଧାନ ହୋଇପାରୁଛି ସେ ନେଇ ନିଜ ନିଜ ଅନୁଭୂତି ଉପସ୍ଥାପନ କରିଥିଲେ। ଆଜିର ଦିନରେ ସୋସିଆଲ ମିଡିଆ ପ୍ରାୟତଃ ଯୁବପିଢିଙ୍କ ମଧ୍ୟରେ ଆମୋଦ ପ୍ରମୋଦରେ ସୀମିତ ରହି ଯାଉଥିବା ବେଳେ, ଆଗାମୀ ଦିନରେ ଏହାର କିପରି ଉପଯୁକ୍ତ ବ୍ୟବହାର ଏବଂ ସମସ୍ୟା ସମାଧାନ କ୍ଷେତ୍ରରେ ଏକ ଅସ୍ତ୍ର ସଦୃଶ ହୋଇପାରିବ ସେ ନେଇ ଆଲୋକପାତ କରାଯାଇଥିଲା। ଆଗାମୀ ଦିନରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ ନେଇ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଛାତ୍ରୀଛାତ୍ର ଓ ଯୁବତୀ ଯୁବକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଶୁଭଶ୍ରୀ ବେହେରାଙ୍କ ସମେତ ସତ୍ୟନାରାୟଣ ସାହୁ, ବିପିନ୍ ମହାନ୍ତି, ଦେବେନ୍ଦ୍ର ସୁବୁଦ୍ଧି, ହରିଶ୍ଚନ୍ଦ୍ର ନାୟକ, ନିରାକାର ମହାରଣା, ଗୀତା ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୁପା ଛାଉଣି ଦାତା, କାରିଗରଙ୍କୁ ସମ୍ବର୍ଦ୍ଧନା

### ରୁପାରେ ଝଲସୁଛି ଶ୍ରୀମନ୍ଦିର ସିଂହଦ୍ୱାର

- ବ୍ୟବହୃତ ହୋଇଛି ୫୨୫ କେଜି ରୁପା
- ଖର୍ଚ୍ଚ ହୋଇଛି ୫କୋଟି ୫୦ ଲକ୍ଷ ଟଙ୍କା

ପୁରୀ, ୩୦।୬(ଅଜିତ ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ରୁପାଛାଉଣି କରିଥିବା ଦାତା ଓ କାରିଗରମାନଙ୍କୁ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ନିକଟରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ ଓ ଠାକୁରଙ୍କ ପ୍ରସାଦ ଦେଇ ଏହି ଏହି କାରିଗର ଓ ଦାତାମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୁମ୍ବାଇର ଜଣେ ଦାତା ଦେଇଥିବା ରୁପାରେ ସେଠାରୁ ଆସିଥିବା କାରିଗରମାନେ ଶ୍ରୀମନ୍ଦିର ସିଂହଦ୍ୱାରର ରୁପା ଛାଉଣି କାର୍ଯ୍ୟ କରିଥିଲେ। ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିବା ସମୟରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

ସୂଚନା ଯୋଗ୍ୟ, ପୂର୍ବରୁ ୮ଟି ଦ୍ୱାରର ରୁପା ଛାଉଣି କାର୍ଯ୍ୟ ସରିଥିବାବେଳେ ବର୍ତ୍ତମାନ ସିଂହଦ୍ୱାରକୁ ମିଶାଇ ସମୁଦାୟ ୯ଟି ଦ୍ୱାରରେ ରୁପା ଛାଉଣି ଶେଷ ହୋଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ସିଂହଦ୍ୱାର ରୁପା ଛାଉଣି ପାଇଁ ପୂର୍ବରୁ ଆଲୋଚନା ହେବା ସହ ପ୍ରସ୍ତାବ ଦିଆଯାଇଥିଲା। ଦୀର୍ଘ ୨୦ ଦିନ ଅକ୍ଳାନ୍ତ ପରିଶ୍ରମ କରି କାରିଗରମାନେ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। କାର୍ଯ୍ୟରେ ମୁମ୍ବାଇର କାରିଗରଙ୍କ ସହ ଓଡ଼ିଆ କାରିଗର ସାମିଲ ହୋଇଥିଲେ। ସିଂହଦ୍ୱାରର ଉଚ୍ଚତା ୧୫ ଫୁଟ ୪ ଇଞ୍ଚ ହୋଇଥିବାବେଳେ ଚଉଡ଼ା ୮ ଫୁଟ ୭ ଇଞ୍ଚ। ବର୍ମାଟିକ୍ କାଠ ଉପରେ ରୁପା ଛାଉଣି କରାଯାଇଛି। ଦ୍ୱାରରେ ୨୭୫୦ କେଜି ଷ୍ଟିଲ ବ୍ୟବହାର କରାଯାଇଥିବାବେଳେ ୫୨୫ କେଜି ରୁପା ବ୍ୟବହାର କରାଯାଇଛି। ସମୁଦାୟ ୫କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ରୁପା ଛାଉଣି ପରେ ସିଂହଦ୍ୱାରର ଶୋଭା ଆହୁରି ବୃଦ୍ଧି ପାଇଛି। ମହାପ୍ରଭୁଙ୍କ ଆଶୀର୍ବାଦ ଓ ନିର୍ଦ୍ଦେଶ ହେଲେ ଆଗକୁ ଅନ୍ୟ ଦ୍ୱାରର ରୁପା ଛାଉଣି କରାଯିବ। ମାତ୍ର ୨୦ ଦିନରେ ରୁପା ଛାଉଣି କାର୍ଯ୍ୟ ସରିଥିବାରୁ ସମସ୍ତ କାରିଗରଙ୍କୁ ମୁଖ୍ୟ ପ୍ରଶାସକ ଧନ୍ୟବାଦ ଜଣାଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ତରୁଣ



@ ସୋନୁ



@ ଅନାମ



@ ଓମପ୍ରକାଶ



@ ପ୍ରମୋଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବିଧି ଅନୁଯାୟୀ ସବୁ ଅଳଙ୍କାର ଲଗାଯାଇଥିଲା: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

### ମହାପ୍ରଭୁଙ୍କୁ କମ୍ ଅଳଙ୍କାର ପିନ୍ଧାଯିବା ଘଟଣା

ପୁରୀ, ୩୦।୬(ଅଜିତ ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥ ରଥ ଉପରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ତେବେ ମହାପ୍ରଭୁଙ୍କ ସୁନାବେଶ ସମୟରେ ଏକ ଅଭାବନୀୟ ଘଟଣା ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଥିଲା। ପୂର୍ବରୁ ଯେଉଁଭଳି ଭାବେ ଶ୍ରୀବିଗ୍ରହମାନେ ଅଳଙ୍କାର ପରିଧାନ କରୁଥିଲେ, ତା'ଠାରୁ କମ୍ ସୁନା ଅଳଙ୍କାର ଲଗାଇଥିବା ଅନୁମାନ ହେଉଥିଲା। ଅପରପକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କିରୀଟର ଡାହାଣ ପାର୍ଶ୍ୱର ଏକ ପାଖୁଡ଼ା ଭାଙ୍ଗିଯାଇଥିଲା, ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମହାପ୍ରଭୁଙ୍କୁ ଭଙ୍ଗା କିରୀଟ ପିନ୍ଧାଇବାକୁ ନେଇ ସେବାୟତମାନେ ଦୁଃଖ ଓ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ବିଧି ଅନୁଯାୟୀ ମହାପ୍ରଭୁଙ୍କ ପାଖରେ ଯେଉଁ ସବୁ ଅଳଙ୍କାର ଲାଗିବା କଥା ଲଗାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଆଉ କେଉଁ କେଉଁ ଅଳଙ୍କାର ଲଗାଯାଇପାରିବ ସେ ନେଇ ଦେଖାଯିବ ଓ ଆଲୋଚନା କରାଯିବ।

# ରତ୍ନସିଂହାସନ ମାଜଣା କରିବେ ବଡ଼ଓଡ଼ିଆ ମଠ ମହନ୍ତ

### ଲଗାଇବେ କନକମୁଣ୍ଡି ଚାନ୍ଦୁଆ

ପୁରୀ, ୩୦।୬(ଅଜିତ୍ ମହାନ୍ତି):

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଦିନ ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଚାନ୍ଦୁଆ ଲଗାଯାଇଥାଏ। ଏହାକୁ କନକମୁଣ୍ଡି ଚାନ୍ଦୁଆ ବା ତ୍ରିମୁଣ୍ଡି ଚାନ୍ଦୁଆ ବୋଲି କୁହାଯାଏ। ଏହି ଚାନ୍ଦୁଆକୁ ବଡ଼ଓଡ଼ିଆ ମଠ ପକ୍ଷରୁ ଲଗାଯାଇଥାଏ। ବଡ଼ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପାଦନ କରାଯାଇଥାଏ। ଏହି ସେବା ମଧ୍ୟରେ ରତ୍ନସିଂହାସନ ଉପରେ ନୀଳାଦ୍ରି ବିଜେ ଦିନ କନକମୁଣ୍ଡି ଚାନ୍ଦୁଆ ପ୍ରଦାନ କରାଯିବା ଅନ୍ୟତମ। ଗଜପତି ପ୍ରତାପରୁଦ୍ର ଦେବ ନିଜ ରାଜତ୍ୱ କାଳରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭକ୍ତି ଏବଂ ମହାପ୍ରଭୁଙ୍କ ପ୍ରତି ଥିବା ନିଷ୍ଠା ଦେଖି ତାଙ୍କୁ କନକମୁଣ୍ଡି



ଚାନ୍ଦୁଆ ସେବା କରିବାକୁ ଅନୁମତି ପ୍ରଦାନ କରିଥିଲେ। ସେହିପରି ରତ୍ନସିଂହାସନର ସୁରକ୍ଷା ଦାୟିତ୍ୱ ବଡ଼ ଓଡ଼ିଆ ମଠ ଏବଂ ଜଗନ୍ନାଥ ଦାସଙ୍କୁ ପ୍ରଦାନ କରିଥିଲେ। ସେହିଦିନଠାରୁ କନକମୁଣ୍ଡି ଚାନ୍ଦୁଆ ସେବା ବଡ଼ ଓଡ଼ିଆ ମଠ ପକ୍ଷରୁ କରାଯାଉଛି। ନୀଳାଦ୍ରିବିଜେ ଦିନ ରତ୍ନସିଂହାସନରେ ଚାରମାଳ ବନ୍ଧା ହେବା ପରେ ବଡ଼ଓଡ଼ିଆ ମଠର ମହନ୍ତ ଶ୍ରୀମନ୍ଦିରକୁ ଯାଇ ସିଂହାସନ ମାଜଣା ନୀତି କରିଥାନ୍ତି। ପରେ ମଠ ପକ୍ଷରୁ ଏକ ୧୪ ହାତିଆ ବାନା ନୀଳଚକ୍ରରେ ଲଗାଯାଇଥାଏ । ଏହାପରେ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକ ମୁଣ୍ଡି ଚାନ୍ଦୁଆ ଲଗାଯାଇଥାଏ। ଏହି କନକମୁଣ୍ଡି ଚାନ୍ଦୁଆ ହେରାପଞ୍ଚମୀ ତିଥିରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ଏହି କନକମୁଣ୍ଡି ଚାନ୍ଦୁଆ ନୀଳାଦ୍ରି ବିଜେ ଦିନ ରତ୍ନସିଂହାସନ ଉପରେ ଲାଗିଥାଏ ଏବଂ ସ୍ନାନ ପୂର୍ଣ୍ଣିମା ଦିନ କଢାଯାଇଥାଏ। ସୂଚନାଯୋଗ୍ୟ, ତତ୍କାଳୀନ ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ କାଳରୁ ଓଡ଼ିଆ ମଠର ମହନ୍ତମାନେ ରତ୍ନସିଂହାସନ ମାଜଣା କରିଆସୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାଜଣା ନିମନ୍ତେ ମଠକୁ ସୂଚନା ପ୍ରଦାନ କରାଯିବା ପରେ ମଠର ମହନ୍ତ ପଟୁଆରରେ ଶ୍ରୀମନ୍ଦିରକୁ ଆସିଥାନ୍ତି। ମହନ୍ତ ପାଲିଙ୍କି ବା ମେହେନାରେ ବସି ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖରେ ପହଞ୍ଚନ୍ତି। ପରେ ଶ୍ରୀମନ୍ଦିର ପରିସରରେ ପ୍ରବେଶ କରିବା ସହ ସିଂହାସନ ମାଜଣା କରିଥାନ୍ତି। ସିଂହାସନ ମାଜଣା ନିମନ୍ତେ ବଟା ଚନ୍ଦନ, କର୍ପୂର, ଚୁଆ, କେଶର, କସ୍ତୁରୀ ଆଦିର ବ୍ୟବହାର କରାଯାଏ। ମହନ୍ତ ମହାରାଜ ରତ୍ନସିଂହାସନ ମାଜଣା କରିବା ପରେ ସିଂହଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରି ମଠକୁ ଫେରିଯାଇଥାନ୍ତି।

